ଧରିତ୍ରୀ
DHARITRI
September 5-11, 2021 ₹ 2/-



୩
ପ୍ରଚ୍ଛଦ ପ୍ରସଙ୍ଗ

# ନମାମୀ ଗୁରୁ

ଗୁରୁ ! ଯାହାଙ୍କ ତ୍ୟାଗ ଅନନ୍ୟ। ସେ ନିଜକୁ ଜାଳି ଜ୍ଞାନର ଆଲୋକ ଜଳାନ୍ତି। ସେଥିପାଇଁ ତ ଯୁଗେ ଯୁଗେ ଗୁରୁ ନମସ୍ୟ। ଆଜି ବି ଅନେକ ଗୁରୁ ଅଛନ୍ତି, ଯେଉଁମାନେ ନିଜ ଜୀବନକୁ ସମର୍ପି ଦେଇଛନ୍ତି ଶିକ୍ଷା ପାଇଁ...



# ସବୁବେଳେ ବିଘ୍ନର ବିନାଶକ

**ସବୁ ବିପଦର ମୁକ୍ତି ଦାତା ହେଉଛନ୍ତି ଗଣେଶ । ସେଥିପାଇଁ ତାଙ୍କୁ ବିଘ୍ନ ବିନାଶକ କୁହାଯାଇଥାଏ। ତେବେ ଘରେ ହେଉ ଅବା କାର୍ଯ୍ୟାଳୟରେ ଯଦି କିଛି ବାସ୍ତୁଦୋଷ ଥାଏ, ତା'ହେଲେ ପ୍ରଭୁଙ୍କର ପ୍ରତିମା ହେଉ ଅବା ଫଟୋକୁ କିପରି ରଖିଲେ ସମସ୍ୟାର ସମାଧାନ ହୋଇଯାଏ, ଆସନ୍ତୁ ଜାଣିବା ସେ ସମ୍ପର୍କରେ...**



*ଘରେ ବସିଥିବା ଏବଂ କାର୍ଯ୍ୟାଳୟରେ ଠିଆ ହୋଇଥିବା ଗଣେଶଙ୍କର ଚିତ୍ର କିମ୍ବା ଫଟୋ ରଖିଲେ ଶୁଭ ହୋଇଥାଏ ବୋଲି ବିଶ୍ୱାସ କରାଯାଏ।

*କିନ୍ତୁ ଧ୍ୟାନ ରଖିବେ ଠିଆ ହୋଇଥିବା ଗଣେଶଙ୍କର ଦୁଇଟି ଯାକ ପାଦ ଯେମିତି ଭୂଇଁରେ ଲାଗିଥିବ; ଫଳରେ ଏହାଦ୍ୱାରା କାର୍ଯ୍ୟରେ ସ୍ଥିରତା ଆସିଥାଏ।

*ମଙ୍ଗଳମୂର୍ତ୍ତି ଭଗବାନଙ୍କର ମୋଦକ ଆଉ ତାଙ୍କର ବାହନ ମୂଷା ଅତି ପ୍ରିୟ ହୋଇଥାଏ। ତେଣୁ ଘରେ ହେଉ ଅବା କାର୍ଯ୍ୟାଳୟରେ ଯଦି ଭଗବାନଙ୍କର କୌଣସି ଫଟୋ କିମ୍ବା ଚିତ୍ର ଥାଏ, ତା'ହେଲେ ସେଥିରେ ମୋଦକ ଆଉ ମୂଷାର ଚିତ୍ର ରହିଥିବା ନିହାତି ଆବଶ୍ୟକ। ଏହାଦ୍ୱାରା ବି ଆପଣା ଛାଏଁ ବାସ୍ତୁଦୋଷ ଦୂର ହୋଇଯାଏ ବୋଲି ବିଶ୍ୱାସ ରହିଛି।

*ଘରେ ସର୍ବଦା ସୁଖ ଶାନ୍ତି ବଜାୟ ରଖିବାକୁ ଚାହୁଁଥିଲେ, ସିନ୍ଦୂର ରଙ୍ଗର ଗଣପତିଙ୍କର ମୂର୍ତ୍ତି ରଖିବା ଶୁଭ ହୋଇଥାଏ।

*ଧଳା ରଙ୍ଗର ବିନାୟକ ଠାକୁରଙ୍କର ମୂର୍ତ୍ତି ରଖିଲେ ଘରେ ସକାରାତ୍ମକ ଉର୍ଜ୍ଜା ଉତ୍ପନ୍ନ ହୋଇ ଐଶ୍ୱର୍ଯ୍ୟ ବୃଦ୍ଧି ହୋଇଥାଏ ବୋଲି ବାସ୍ତୁଶାସ୍ତ୍ରରେ ଉଲ୍ଲେଖ ରହିଛି।

## ଏ ସପ୍ତାହର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର

ସେପ୍ଟେମ୍ବର ୫-୧୧

**ମେଷ**
ଶାରୀରିକ ସୁସ୍ଥତା, ଉଚ୍ଚଶିକ୍ଷା ପାଇଁ ପ୍ରଚେଷ୍ଟା, ନୂତନ ପ୍ରକଳ୍ପାରମ୍ଭ, ଗବେଷଣାରେ ଅଗ୍ରଗତି, ରାଜନୈତିକ ସଫଳତା, ପବ୍ଲିକେଶନରେ ସମସ୍ୟା, ପାରିବାରିକ ଅସହମତି, ବିବାଦୀୟ ପରିବେଶ, ଅର୍ଥନୈତିକ ପ୍ରଗତି।

**ବୃଷ**
ସାମାଜିକ ପ୍ରତିଷ୍ଠା, ନୂତନ କର୍ମସଂସ୍ଥାନ, ଯାନବାହନାଦି ଲାଭ, ସ୍ୱାସ୍ଥ୍ୟଗତ ବୈଷମ୍ୟ, ଯାନ୍ତ୍ରିକ ଜିନିଷରେ ତ୍ରୁଟି, ବସ୍ତ୍ରଭୂଷଣାଦି ଖରିଦ, କଳାରେ ଉତ୍କର୍ଷତା, ସଙ୍ଗୀତରେ ରୁଚି, ଚଳଚ୍ଚିତ୍ରରେ ସୁନାମ।

**ମିଥୁନ**
ସମସ୍ୟା ସମାଧାନ, ଅର୍ଥସଂକଟ, ମାନସିକ ଅସ୍ଥିରତା, ଶୃଙ୍ଖଳିତ କର୍ମକ୍ଷେତ୍ର, ବନ୍ଧୁଙ୍କ ଅନୁପ୍ରେରଣା, ନିୟନ୍ତ୍ରିତ ପରିସ୍ଥିତି, ସଭାସମିତିକୁ ନିମନ୍ତ୍ରଣ, ସୁସମ୍ପର୍କ ବ୍ୟାହତ, ସଙ୍କୁଚିତ ବ୍ୟବସାୟ।

**କର୍କଟ**
ଉଚ୍ଚ ସମ୍ମାନ, ନୂତନ ବନ୍ଧୁସମ୍ପର୍କ, ଅଧସ୍ତନଙ୍କ ଆନୁଗତ୍ୟ, ଶାରୀରିକ ସୁସ୍ଥତା, ପାରିବାରିକ ସହାନୁଭୂତି, କର୍ମଜଞ୍ଜାଳ ବୃଦ୍ଧି, ପୂର୍ବ ସମସ୍ୟାର ସମାଧାନ, ସଭାସମିତିକୁ ନିମନ୍ତ୍ରଣ, ଗୃହସୀମା ବିବାଦ।

**ସିଂହ**
ବିଶିଷ୍ଟଙ୍କ ବ୍ୟକ୍ତିଙ୍କ ସାନ୍ନିଧ୍ୟ, ଆନୁଷ୍ଠାନିକ କାର୍ଯ୍ୟାରମ୍ଭ, ନେତୃତ୍ୱ ନେଇପାରନ୍ତି, ମିଥ୍ୟା ଅଭିଯୋଗ। ଶିଳ୍ପ ବାଣିଜ୍ୟରେ ଉନ୍ନତି, ଶେୟାର ବଜାରରେ ମନସ୍ତାପ, ମକଦ୍ଦମାରେ ବିଜୟ, ବୈବାହିକ ସମସ୍ୟା, କ୍ରୟବିକ୍ରୟରେ ପ୍ରତିବନ୍ଧକ।

**କନ୍ୟା**
ଅର୍ଥନୈତିକ ପ୍ରଗତି, ମାନବିକତାରୁ ପ୍ରଶଂସା, ମୂଲ୍ୟବୋଧ ବଢ଼ିବ, ସ୍ଥଗିତ କାର୍ଯ୍ୟାରମ୍ଭ, ଶିକ୍ଷାରେ ଉନ୍ନତି, ଗବେଷଣାରେ ପ୍ରତିବନ୍ଧକ, ବିଦେଶଯାତ୍ରାର ସୁଯୋଗ, ନିର୍ମାଣରେ ଅଗ୍ରଗତି, କୂଟନୈତିକ ସଫଳତା, ଚୁକ୍ତିପତ୍ର ସମ୍ପାଦନ।

**ତୁଳା**
ଉନ୍ନତ ଚିନ୍ତାଧାରା, ଆନୁଷଙ୍ଗିକ ସହଯୋଗପ୍ରାପ୍ତି, ମାନସିକ ଉତ୍ସୁକତା, ମନୋରଞ୍ଜନର ମଉକା, ସଭାସମିତିକୁ ନିମନ୍ତ୍ରଣ, ଆନୁଷ୍ଠାନିକ ବାଣିଜ୍ୟରେ ପ୍ରତିବନ୍ଧକ, ପରିବହନରେ ବିବାଦ, ଅର୍ଥ ସମ୍ପର୍କରୁ କଳହ, ସ୍ଥଗିତ ଦୂରଯାତ୍ରା ।

**ବିଛା**
କାର୍ଯ୍ୟରେ ମନ୍ଥରତା, ଅସାବଧାନତାରୁ ଅର୍ଥହାନି, ପଡୋଶୀଙ୍କ ବିରୁଦ୍ଧାଚରଣ, ଆତ୍ମୀୟଙ୍କ ଆତ୍ମୀୟତା, ଅଧସ୍ତନଙ୍କ ଅନୁରକ୍ତି, ବ୍ୟବସାୟିକ ଉନ୍ନତି, ପ୍ଲଟିଙ୍ଗ୍ କାରବାରରୁ ଲାଭ, ପ୍ରତିଯୋଗିତାରେ ସଫଳତା ।

**ଧନୁ**
ଶାରୀରିକ ଅସୁସ୍ଥତା, ତିକ୍ତ ଅନୁଭୂତି, ଅର୍ଥନୈତିକ ଅବରୋଧ, ସମନ୍ୱୟର ଅଭାବ, ବିରୋଧୀଙ୍କ ପ୍ରାବଲ୍ୟ, କଚେରି ମାମଲାରେ ବାଇଦା, ବନ୍ଧୁସମ୍ପର୍କରେ ଅଗ୍ରଗତି, ସତ୍ସଙ୍ଗୀଙ୍କ ସାନ୍ନିଧ୍ୟ।

**ମକର**
କର୍ମକ୍ଷେତ୍ରରେ ପଦୋନ୍ନତି, ଚାକିରି ଅଫର୍ ଆସିବ, ମୋଟାଅଙ୍କର ପ୍ୟାକେଜ୍, ବିବାଦରେ ବିଜୟ, ପ୍ରତିଦ୍ୱନ୍ଦ୍ୱିତାରେ ସଫଳତା, ନୂତନ ଯୋଜନାରମ୍ଭ, ବନ୍ଧୁଙ୍କ ବିତଣ୍ଡାଯୁକ୍ତି, ପର୍ଯ୍ୟଟନ ଶିଳ୍ପରେ ଉନ୍ନତି, ବିଦେଶ ଯାତ୍ରାରେ ସମସ୍ୟା, ଋଣ ପରିଶୋଧ।

**କୁମ୍ଭ**
କର୍ମକ୍ଷେତ୍ରରେ ଦ୍ୱନ୍ଦ୍ୱ, ବିଭାଗର ପରିବର୍ତ୍ତନ, ମାନସିକ ସାନ୍ତ୍ୱନାପ୍ରାପ୍ତି, ବନ୍ଧୁଙ୍କ ଆତ୍ମୀୟତା, ବିବାଦର ଫଇସଲା, ବ୍ୟବସାୟିକ ଉତ୍କର୍ଷ, ସରକାରୀ ସହାୟତା, ଅନୁସନ୍ଧାନରେ ଅଗ୍ରଗତି, ପ୍ରଶାସନିକ ତତ୍ପରତା।

**ମୀନ**
ନୂଆ କାମର ଯୋଜନା, ସରଗରମ ଆଲୋଚନା, ଆର୍ଥିକ ସହାୟତାପ୍ରାପ୍ତି, ପରୋକ୍ଷ ଶତ୍ରୁତା, ଯାତ୍ରାସ୍ଥଗିତ ରହିବ, ସ୍ୱାସ୍ଥ୍ୟରେ ଉନ୍ନତି, ଗୁରୁଜନଙ୍କ ପରାମର୍ଶ, ପରିବାରର ସହମତି, ସମ୍ପର୍କରେ ବିବାଦ, ପ୍ରଲୋଭନରୁ ସମାଲୋଚନା, କୃତିତ୍ୱରୁ ପ୍ରଶଂସା।

# ନମସ୍କାରର ମାହାତ୍ମ୍ୟ



ନମସ୍କାର ଏକ ଶ୍ରେଷ୍ଠ ସଂସ୍କାର ଅଟେ। କୌଣସି ବୟସ୍କ, ପିତା-ମାତା, ସନ୍ଥ-ମହାପୁରୁଷଙ୍କ ଆଗରେ ହାତ ଯୋଡି ନତ ମସ୍ତକ ହେଲେ ଅହଂକାର ଦ୍ରବୀଭୁତ ହୋଇ ଥାଏ। ଆଡମ୍ବର ନଷ୍ଟ ହୋଇଯାଏ। ମନ ସରଳ ଓ ସାତ୍ତ୍ୱିକ ହୁଏ। ଆଉ ଏହି ନମସ୍କାରର ପ୍ରତି ବଦଳରେ ମିଳୁଥିବା ଆର୍ଶୀବାଦ ଦ୍ୱାରା ଜୀବନ ଧନ୍ୟ ହୋଇଗଲା ଭଳି ମନେ ହୋଇଥାଏ। ତା'ଛଡ଼ା ନମସ୍କାର ଦ୍ୱାରା ଯୋଗମୁଦ୍ରା ମଧ୍ୟ କରାଯାଇଥାଏ। ବିଶେଷକରି ସୂର୍ଯ୍ୟ ନମସ୍କାର ଏକ ଉତ୍ତମ ଯୋଗ ଅଟେ। ନିୟମିତ ଏହାକୁ କରିବା ଦ୍ୱାରା ଶରୀର ନିରୋଗ ରହିଥାଏ। ଏହା ଏକ ପ୍ରକାରର ପ୍ରଭାବୀ ଯୋଗାସନ ଅଟେ; ଯାହା ହୃଦୟ ଜନିତ ସମସ୍ୟାରୁ ସୁରକ୍ଷା ପ୍ରଦାନ କରିବା ସହ ଶରୀରର ଓଜନକୁ ନିୟନ୍ତ୍ରଣରେ ରଖିଥାଏ। ତା'ଛଡ଼ା ଏହି ଆସନ ଦ୍ୱାରା ଦୃଷ୍ଟିଶକ୍ତି ପ୍ରଖର ହେବା ସହ ପାଚନ କ୍ରିୟା ବି ତ୍ୱରାନ୍ୱିତ ହୋଇଥାଏ।

# ପାଠକୀୟ

*କଥାରେ ଅଛି ବଡ଼ ଭଉଣୀ ମା' ସମାନ ଓ ବଡ଼ ଭାଇ ବାପା ସମାନ ବୋଲି। ଯାହାକୁ ସତରେ ପରିଣତ କରିଛନ୍ତି କେତେଜଣ ବଡ଼ ଭାଇ-ଭଉଣୀ। ଆଉ ତୁଲାଇଛନ୍ତି ବାପା ମା'ର କର୍ତ୍ତବ୍ୟ। ତେଣୁ ଏଭଳି ଏକ ହୃଦୟସ୍ପର୍ଶୀ ବିଷୟକୁ ନେଇ ଛୁଟିଦିନରେ ପ୍ରକାଶିତ ହୋଇଥିବା ପ୍ରଚ୍ଛଦ ପ୍ରସଙ୍ଗ 'ସମ୍ପର୍କ ତ୍ୟାଗର' ଉପସ୍ଥାପନା ଶୈଳୀ ବେଶ୍ ଉଚ୍ଚକୋଟୀର ହୋଇପାରିଥିଲା। 'ଘରେ ସୁଖ ସମୃଦ୍ଧି ବୃଦ୍ଧି ପାଇଁ କ'ଣ କରିବାକୁ ହେବ ସେ ବିଷୟରେ ମଧ୍ୟ ଏଥରର ଛୁଟିଦିନରୁ ଅନେକ ଅଜଣା କଥା ଜାଣିହେଲା।

***–ସିପୁନ୍, ଲିପୁନ୍, ରାଣୀହାଟ, କଟକ***

*ପ୍ରଚ୍ଛଦ ପ୍ରସଙ୍ଗଟି ମୋ ମନକୁ ବେଶ୍ ଛୁଇଁ ଯାଇଥିଲା। ସେହିପରି 'ଦାମୀ ରାଖୀ'କୁ ନେଇ ଛୁଟିଦିନରେ ସ୍ୱତନ୍ତ୍ର ଭାବେ ଉପସ୍ଥାପନା ହୋଇଥିବା ଆଲେଖ୍ୟଟି ମଧ୍ୟ ଅତି ଚମତ୍କାର ହୋଇପାରିଥିଲା।

***–ସତ୍ୟ ନାରାୟଣ ରଥ, ସାତଶଙ୍ଖ, ପୁରୀ***

*ଏଥର ଛୁଟିଦିନରେ ସ୍ଥାନୀତ ପବିତ୍ର ମୋହନ ଦାସଙ୍କର କବିତା ଅତ୍ୟନ୍ତ ମନଛୁଆଁ ଲାଗିଛି। ବ୍ୟଙ୍ଗ ଭିତରେ ତାଜାପଣ ବେଶ୍ ଉପଭୋଗ୍ୟ । ଭଲ ଲାଗିଲା ଇକୋଫ୍ରେଣ୍ଡଲୀ ରାଖୀ।

***–ସତ୍ୟନାରାୟଣ ଗନ୍ତାୟତ, କସ୍ତୁରୀନଗର, ରାୟଗଡା***

*ଏଥରର ବ୍ୟକ୍ତିତ୍ୱ ପୃଷ୍ଠାରୁ ଶିକ୍ଷାବିତ୍ ତଥା 'ରଣପୁର ଇତିହାସ'ର ଲେଖକ ସତ୍ୟବାଦୀ ବଳିଆରସିଂହଙ୍କ ଜୀବନି ସମ୍ପର୍କରେ ଅନେକ ଅଜଣା କଥା ଜାଣିବାକୁ ମିଳିବାରୁ ଖୁସି ଲାଗିଲା। ସେହିପରି ଷ୍ଟାଇଲିଶ୍ ଅଭିନେତ୍ରୀ ଅର୍ପିତା କରଙ୍କ ଫିଟ୍‌ନେସ୍ ମନ୍ତ୍ର ବିଷୟରେ ମଧ୍ୟ ଅନେକ କଥା ଏଥରର ଛୁଟିଦିନରୁ ଜାଣିହେଲା। ଅନ୍ୟପକ୍ଷେ ମଡେଲ୍ ମିରର୍‌ରେ ନୈନା ବି ବେଶ୍ ସୁନ୍ଦରୀ ଲାଗୁଥିଲେ।

***–ଶିବାଂଶ କାନୁନ୍‌ଗୋ, ଯାଜପୁର ଟାଉନ୍***


*ସିନେମା ପୃଷ୍ଠାରେ ସ୍ଥାନିତ 'ଯୋଗ ପ୍ରଶିକ୍ଷିକା ଦୀପିକା', 'ଲୁଚାଉଛନ୍ତି ବାଣୀ', 'କଙ୍ଗନାଙ୍କ ଟି' ପାର୍ଟି' ଆଦି ପାଠଗୁଡ଼ିକର ଉପସ୍ଥାପନା ଶୈଳୀ ବେଶ୍ ମଜାଦାର୍ ଥିଲା। ସେହିପରି ଏଥରର ସାଥୀର ସମସ୍ତ ଉତ୍ତରଗୁଡ଼ିକ ମଧ୍ୟ ଖୁବ୍ ରୋମାଣ୍ଟିକ୍ ଲାଗୁଥିଲା। ତେବେ ସୃଜନ ପୃଷ୍ଠାରେ ସ୍ଥାନିତ 'ପରିଚୟ' ନାମକ ଗପଟି ଏତେ ହୃଦୟସ୍ପର୍ଶୀ ହୋଇଥିଲା ଯେ, ଏହାକୁ ପଢି ଆଖିରେ ମୋର ଲୁହ ଆସିଯାଇଥିଲା।

***–ରଶ୍ମିତା ପ୍ରଧାନ, କୋଣାର୍କ***

*ଛୁଟିଦିନର ମୁଁ ଜଣେ ବିଦଗ୍ଧ ପାଠକ। ଏହାର ପ୍ରତିଟି ପୃଷ୍ଠା ମୋର ଭାରୀ ପ୍ରିୟ। ସେଥିପାଇଁ ପ୍ରତି ରବିବାରକୁ ମୁଁ ଚାତକ ପରି ଚାହିଁ ରହିଥାଏ।

***–ଅକ୍ଷୟ ମିଶ୍ର, ତାଳଚେର***

## ବିଶେଷ ଚିଠି



ସାତଦିନ ସପ୍ତାହର
ତା'ମଧ୍ୟେ ରବିବାର,
ଅତି ପ୍ରିୟ ବାର ଏହି
ଛୁଟିଦିନ ଆସେ ଯହିଁ,
କେତେ କଥା ଶିଖାଏ ଇଏ
ନୂଆ ଜାଗା ବୁଲାଇ ନିଏ,
ପ୍ରଚ୍ଛଦ ଏହାର ଭାରୀ ବଢ଼ିଆ
ସିନେମା ଓ ସାଥୀ କରେ କିମିଆ,
ସେଥିପାଇଁ ପ୍ରଭୁଙ୍କୁ କରେ ପ୍ରଣାମ
ତୁମକୁ ଦିଅନ୍ତୁ ସିଏ ଖ୍ୟାତି ଓ ସୁନାମ।

***–ଅଶୋକ କୁମାର ରାଉଳ, ମୟୂରଭଞ୍ଜ***

ଧରିତ୍ରୀ ଛୁଟିଦିନ
ସମ୍ପାଦକ: ତଥାଗତ ସତପଥୀ
Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Rasulgarh Industrial Estate, Bhubaneswar-10, Ph.:2549302, Fax : 2549795

ସୂଚନା
ଛୁଟିଦିନ ପାଇଁ ଲେଖା ଓ ଫଟୋ ପଠାଇବାର ଇ-ମେଲ୍ ଠିକଣା: chhutidinadharitri@gmail.com


କମଳଲୋଚନ ପ୍ରଧାନ

# ନମାମୀ ଗୁରୁ

**ବୈଷୟିକ ଜ୍ଞାନକୌଶଳରେ ଜଟିଳକୁ ସରଳ କରି ପଢ଼ାଇ ହୋଇଛନ୍ତି ସମ୍ମାନିତ:** ଜଟିଳ ପାଠକୁ ସରଳ କରି ପଢାଇବାରେ ସେ ବେଶ୍ ପାରଙ୍ଗମ । ଏଥିପାଇଁ ସେ ଆଧୁନିକ ବୈଷୟିକ ଜ୍ଞାନକୌଶଳର ସାହାଯ୍ୟ ନିଅନ୍ତି । ବିଭିନ୍ନ ଗବେଷଣା ବି କରନ୍ତି । ସେଇଥିପାଇଁ ତ ଭାରତ ସରକାରଙ୍କ ଦ୍ୱାରା ଶିକ୍ଷକମାନଙ୍କୁ ଦିଆଯାଉଥିବା ଦୁଇଟି ସର୍ବୋଚ୍ଚ ଶିକ୍ଷା ସମ୍ମାନ ଜାତୀୟ ଶିକ୍ଷକ ପୁରସ୍କାର ଏବଂ ଜାତୀୟ ଆଇ.ସି.ଟି. ଶିକ୍ଷକ ପୁରସ୍କାର ସେ ହାସଲ କରିଛନ୍ତି । ଆଉ ସେ ହେଉଛନ୍ତି ଓଡ଼ିଶାର ପ୍ରଥମ ଶିକ୍ଷକ ଯେକି ଏହି ଦୁଇ ସର୍ବୋଚ୍ଚ ଶିକ୍ଷା ସମ୍ମାନ ପାଇଛନ୍ତି । ତାଙ୍କ ନାମ ହେଉଛନ୍ତି ଓଁପ୍ରକାଶ ମିଶ୍ର । ତାଙ୍କୁ ଓଡ଼ିଶାର ମାନ୍ୟବର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମଧ୍ୟ ସମ୍ବର୍ଦ୍ଧିତ କରିଛନ୍ତି । ଓଁପ୍ରକାଶ ମିଶ୍ର ୨୪।୧୨।୧୯୯୮ ମସିହାରେ କୋରାପୁଟ ଜିଲାର ଏକ ଉପାନ୍ତ ସରକାରୀ ଉଚ୍ଚ ବିଦ୍ୟାଳୟ, ଦୋଲପୁରରୁ ନିଜର ଶିକ୍ଷକତା ଜୀବନ ଆରମ୍ଭ କରିଥିଲେ । ଏହାପରେ ସେ କଠୋର ଅଧ୍ୟବସାୟ ଓ ସାଧନା ବଳରେ ପଞ୍ଚାୟତ, ବ୍ଲକ, ଜିଲା, ରାଜ୍ୟ ଏବଂ ଜାତୀୟ ସ୍ତରରେ ଅନେକ ପୁରସ୍କାରରେ ସମ୍ମାନିତ ହୋଇଥିଲେ । ବିଜ୍ଞାନ ଓ ଗଣିତର କଠିନ ପ୍ରସଙ୍ଗଗୁଡିକୁ ସେ ବୈଷୟିକ ଜ୍ଞାନକୌଶଳର ପ୍ରୟୋଗଦ୍ୱାରା ସରଳ କରି ଛାତ୍ରୀଛାତ୍ରଙ୍କ ନିମନ୍ତେ ପ୍ରସ୍ତୁତ କରିଥାନ୍ତି । ତା' ସହ ବିଜ୍ଞାନରେ ବ୍ଲଗ ତିଆରି କରିବା, ୟୁ ଟ୍ୟୁବ ମାଧ୍ୟମରେ ଶିକ୍ଷାଦାନ କରିବା, ଜିଓଜେବ୍ରା, ଆଲଗୋଡୋ, ଟ୍ରାଇଅମ୍ଫ କ୍ଲାଉଡ୍, ଜାମବୋର୍ଡ, ଆନିମେସନ, ୱାର୍ଡୱାଲ.ନେଟ, କହୁଟ୍, ଏଡ୍‌ପଜଲ୍, ଟେଡ୍-ଏଡ୍, phEt ଆଦି ଏଜୁକେଶନାଲ ସଫ୍ଟୱେର ଓ ୱେବସାଇଟ୍ ବ୍ୟବହାର କରି ବିଜ୍ଞାନ ଶିକ୍ଷାକୁ ରୁଚିମନ୍ତ କରିବାରେ ସେ ସଫଳ ହୋଇଛନ୍ତି । ତେବେ ସେ କେବଳ ଘରେ ବସି ଏସବୁ ଆପ୍ ଓ ସଫ୍ଟୱେର ଦ୍ୱାରା ଶିକ୍ଷାପ୍ରଦାନରେ ସୀମିତ ନାହାନ୍ତି । ବରଂ କୋଭିଡ୍-୧୯ରେ ଶିକ୍ଷା ବ୍ୟବସ୍ଥାରେ ହୋଇଥିବା କ୍ଷତିକୁ ଭରଣା କରିବା ନିମନ୍ତେ ସେ ଲକ୍‌ଡାଉନ ସମୟରେ ଜୟପୁର ନିକଟବର୍ତ୍ତୀ ପ୍ରାୟ ସାତଖଣ୍ଡ ଗ୍ରାମକୁ ଯାଇ ଛାତ୍ରୀଛାତ୍ରମାନଙ୍କୁ ଶିକ୍ଷାଦାନ କରିଛନ୍ତି । ଇ-ଛାତ୍ରୀଛାତ୍ରମାନଙ୍କ ନିମନ୍ତେ ଭିଡିଓ ଶିକ୍ଷା ବ୍ୟତୀତ pdf ମାଧ୍ୟମରେ ଶିକ୍ଷାଦାନକୁ ଅନବରତ ଚାଲୁ ରଖିବାରେ ବି ସକ୍ଷମ ହୋଇଥିଲେ । କୋଭିଡ୍ ସଚେତନତା ନିମନ୍ତେ ତଥା ଅନ୍‌ଲାଇନ ଶିକ୍ଷାଦାନ ନିମନ୍ତେ ସେ ନିଜକୁ ପ୍ରସ୍ତୁତ କରିବା ଲାଗି ଜବାହରଲାଲ୍ ନେହେରୁ ବିଶ୍ୱବିଦ୍ୟାଳୟ, ନିଉ ଦିଲ୍ଲୀ ତଥା ଅନ୍ତର୍ଜାତୀୟ ସ୍ତରର ଅନେକ ଅନୁଷ୍ଠାନର କର୍ମଶାଳାରେ ଭାଗନେଇ ICT ମାଧ୍ୟମରେ ଶିକ୍ଷାଦାନ ସମ୍ବନ୍ଧୀୟ କୌଶଳଗୁଡ଼ିକ ଶିଖିଥିଲେ । କେବଳ ସେତିକି ନୁହେଁ ମିଶ୍ର ଆମେରିକାସ୍ଥିତ ଏଡିନବର୍ଗ ବିଶ୍ୱବିଦ୍ୟାଳୟ, ଡିଉକ ବିଶ୍ୱବିଦ୍ୟାଳୟ, ଭର୍ଜିନିଆ ବିଶ୍ୱବିଦ୍ୟାଳୟ, IIT କାନପୁର, NCERT, SWAYAM ତଥା ଭାରତୀୟ ବିଜ୍ଞାନ ସଞ୍ଚାର ଅନୁଷ୍ଠାନଗୁଡ଼ିକରୁ ଅନେକ ଅନ୍‌ଲାଇନ କୋର୍ସ କରି ନିଜର ଶିକ୍ଷାର ଗୁଣବତ୍ତାକୁ ବୁଦ୍ଧିମନ୍ତ କରିଛନ୍ତି । ମାଧ୍ୟମିକ ଶିକ୍ଷାର୍ଥୀଙ୍କ ନିମନ୍ତେ ସେ ଗଣିତ ଓ ବିଜ୍ଞାନ ବିଷୟ ପାଇଁ EXPERIMENTO, KINETICS, TRANSIT, INITIATIVE ଆଦି ସାତ ଖଣ୍ଡ ଉପାଦେୟ ପୁସ୍ତକ ମଧ୍ୟ ରଚନା କରିଛନ୍ତି । ଏହା ଦ୍ୱାରା ଛାତ୍ରୀଛାତ୍ରମାନଙ୍କୁ NMMS ଭଳି ପ୍ରବେଶିକା ପରୀକ୍ଷାଗୁଡିକ୍‌ରେ ଅନେକ ସହାୟତା ଓ ସଫଳତା ମିଳୁଛି । ମିଶ୍ରଙ୍କର ଶିକ୍ଷା ସମ୍ବନ୍ଧୀୟ ଗବେଷଣା ଲବ୍ଧ ସନ୍ଦର୍ଭଗୁଡ଼ିକ ଅନେକ ଜାତୀୟ ତଥା ଅନ୍ତର୍ଜାତୀୟ ପତ୍ରପତ୍ରିକାରେ ପ୍ରକାଶିତ ହୋଇଛି । ଏହାଛଡ଼ା ଅହମଦାବାଦ, ପୁଣେ, ମୁମ୍ବାଇ, ମେଘାଳୟ, ଦିଲ୍ଲୀ, କୋଲକାତା, ଭୁବନେଶ୍ୱର ଓ କଟକରେ ବିଭିନ୍ନ ସମୟରେ ଅନୁଷ୍ଠିତ ଜାତୀୟ ତଥା ଅନ୍ତର୍ଜାତୀୟ ସେମିନାରରେ ମଧ୍ୟ ମିଶ୍ର ନିଜର ସନ୍ଦର୍ଭ ଉପସ୍ଥାପନ କରି ସମ୍ମାନିତ ହୋଇଛନ୍ତି । ନିଜର ଏହି ଉଚ୍ଚକୋଟୀର ଗବେଷଣା ନିମନ୍ତେ ସ ରିସର୍ଚ ଗେଟୱେ ଫାଉଣ୍ଡେଶନ ଦ୍ୱାରା ୨୦୨୦ ମସିହା ନିମନ୍ତେ ଶ୍ରେଷ୍ଠ ଗବେଷକ ପୁରସ୍କାର ମଧ୍ୟ ପାଇସାରିଛନ୍ତି । ଅଧୁନା ସେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଅଧୀନରେ ନିଜର ପିଏଚ.ଡି ଜାରି ରଖିଛନ୍ତି । ରାଜ୍ୟ ଏବଂ ଜାତୀୟ ସ୍ତରର ସେମିନାର୍‌ରେ STEM ଏଜୁକେଶନ, ଡିଷ୍ଟାନ୍ସ ଏଜୁକେଶନ ଭଳି ନୂଆ ବିଷୟଗୁଡ଼ିକ ଉପରେ ସେ ଲେଖନୀ ଉପସ୍ଥାପନା କରିଛନ୍ତି । DIKSHA ଓ YOUTUBE ପ୍ଲାଟଫର୍ମରେ ସେ ଗୁଡ଼ାଏ ଇ-କଣ୍ଟେଣ୍ଟସ ମଧ୍ୟ ଅପଲୋଡ କରିଛନ୍ତି । ତେଣୁ ଏଜୁକେଶନ ଆଇକନ ଆୱାର୍ଡ, ଗ୍ଲୋବାଲ ଇ-ଇନୋଭେସନ ଆୱାର୍ଡ, ରାଷ୍ଟ୍ରୀୟ ଗୌରବ ଆୱାର୍ଡ, ଦ୍ରୋଣ ଏଜୁକେଟର ଆୱାର୍ଡ, IITA, କୋରାପୁଟ ଗୌରବ, ପରବ ସମ୍ମାନ, କଳିଙ୍ଗ ସମାଜ (ଦିଲ୍ଲୀ) ଆଦି ସମ୍ମାନରେ ମିଶ୍ର ସମ୍ମାନିତ ହୋଇଛନ୍ତି । IISER ଭୋପାଲ, ଅଗସ୍ତ୍ୟା ଫାଉଣ୍ଡେସନ-ଆନ୍ଧ୍ରପ୍ରଦେଶ, ପଠାଣି ସାମନ୍ତ ପ୍ଲାନେଟୋରିଅମ, OKCL ଇତ୍ୟାଦିରେ ବିଭିନ୍ନ ବିଷୟରେ କର୍ମଶାଳାରେ ଯୋଗଦାନ ଦେଇଥିଲା ବେଳେ

→

କୁହାଯାଏ ଜ୍ଞାନଠୁ ବଡ଼ ଦାନ ନାହିଁ। ଆଉ ଗୁରୁଙ୍କଠୁ ବଡ଼ କେହି ଦାନୀ ନାହିଁ। ସେ ହେଉଛନ୍ତି ଏକ ପଥ ଯେ ନିଜେ ସ୍ଥିର ରହି ଅନ୍ୟଙ୍କୁ ଲକ୍ଷ୍ୟ ସ୍ଥଳରେ ପହଞ୍ଚାନ୍ତି। ତ୍ୟାଗ ତାଙ୍କର ଅନନ୍ୟ। ସେ ନିଜକୁ ଜାଳି ଜ୍ଞାନର ଆଲୋକ ଜଳାନ୍ତି। ସେଥିପାଇଁ ତ ଯୁଗେ ଯୁଗେ ଗୁରୁ ନମସ୍ୟ। ଆଜି ବି ଅନେକ ଗୁରୁ ଅଛନ୍ତି, ଯେଉଁମାନେ ନିଜ ଜୀବନକୁ ସମର୍ପି ଦେଇଛନ୍ତି ଶିକ୍ଷା ପାଇଁ। ଆଉ ଅର୍ଥ ଲାଳସା ନ ରଖି ଗଢୁଛନ୍ତି ଉତ୍ତମ ଛାତ୍ର ଏକ ଉତ୍ତମ ସମାଜ ଗଢ଼ିବା ପାଇଁ...


ମାନ୍ୟବର ମୁଖ୍ୟମନ୍ତ୍ରୀ ଓଁପ୍ରକାଶ ମିଶ୍ରଙ୍କୁ ସମ୍ବର୍ଦ୍ଧନା ଦେଉଛନ୍ତି






କାହ୍ନୁ ଚରଣ ପାତ୍ର


ଭାରତୀୟ ବିଜ୍ଞାନ କଂଗ୍ରେସ (ISCA),କୋଲକାତା; VIBHAINDIA, ଦିଲ୍ଲୀ ଭଳି ସମ୍ମାନଜନକ ସଂସ୍ଥାର ଆଜୀବନ ସଦସ୍ୟତାପ୍ରାପ୍ତ କରିଛନ୍ତି। ମିଶ୍ର ହେଉଛନ୍ତି ଜଣେ ଜିଲା ତଥା ରାଜ୍ୟ ସ୍ତରୀୟ ସାଧନକର୍ମୀ। ଉଭୟ ବିଦ୍ୟାଳୟ ଓ ଗଣଶିକ୍ଷାବିଭାଗ ତଥା ମଙ୍ଗଳ ବିଭାଗ ଦ୍ୱାରା ଆୟୋଜିତ ଶିକ୍ଷକ ପ୍ରଶିକ୍ଷଣ ଶିବିରଗୁଡ଼ିକରେ ସେ ବହୁବାର ଶିକ୍ଷକମାନଙ୍କୁ ପ୍ରଶିକ୍ଷଣ ଦେଇସାରିଛନ୍ତି । ବିଭିନ୍ନ ସମୟରେ ରାଜ୍ୟର ଅନ୍ୟ ଜିଲାଗୁଡ଼ିକୁ ମଧ୍ୟ ସାଧନକର୍ମୀଭାବେ ନିମନ୍ତ୍ରିତ ହୋଇ ସେ ଶିକ୍ଷକ ସମାଜ ପାଇଁ ଉଦାହରଣ ସୃଷ୍ଟି କରିଛନ୍ତି। ବର୍ତ୍ତମାନ ନବମ ଶ୍ରେଣୀ ଛାତ୍ରଙ୍କ ନିମନ୍ତେ ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରାୟୋଜିତ ଉତ୍କର୍ଷ କାର୍ଯ୍ୟକ୍ରମରେ ତଥା ନବମ ଓ ଦଶମ ଶ୍ରେଣୀ ଛାତ୍ରୀଛାତ୍ରଙ୍କ ନିମନ୍ତେ ଚାଲିଥିବା ୟୁଟ୍ୟୁବ୍ ଲାଇଭ୍ କାର୍ଯ୍ୟକ୍ରମରେ ମଧ୍ୟ ମିଶ୍ର ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରୁଛନ୍ତି।

**ଅନ୍ୟଠୁ ସାହାଯ୍ୟ ମାଗି ଉଚ୍ଚଶିକ୍ଷିତ କରାଉଛନ୍ତି ପିଲାଙ୍କୁ:** ଅର୍ଥର ଅଭାବ ପାଇଁ ଯେମିତି କୌଣସି ପିଲା ପାଠପଢ଼ାରୁ ବଞ୍ଚିତ ନ ହୁଅନ୍ତୁ ସେଥିପାଇଁ ସେ ପଣ କରିଛନ୍ତି। ଏଣୁ ସେମାନଙ୍କୁ ଉତ୍ତମ ଶିକ୍ଷା ପ୍ରଦାନ କରିବା ସହ ଗରିବ ମେଧାବୀ ଛାତ୍ର କିଭଳି ଉଚ୍ଚଶିକ୍ଷା ପାଇପାରିବେ ସେଥିପାଇଁ ବି ସହାୟତା କରୁଛନ୍ତି। ନିଜେ ଆର୍ଥିକ ସହାୟତା ନ କରିପାରିଲେ ସେ ଅନ୍ୟଙ୍କୁ ସାହାଯ୍ୟ ମାଗୁଛନ୍ତି। କେଉଁଠୁ ବି ହେଉ ଅର୍ଥ ଯୋଗାଡ଼ କରି ଅଭାବୀ ପିଲାଙ୍କୁ ଉଚ୍ଚଶିକ୍ଷା ପ୍ରଦାନ କରାଉଛନ୍ତି। ଏହି ଛାତ୍ର ବତ୍ସଳ ଶିକ୍ଷକ ଜଣକ ହେଉଛନ୍ତି କେନ୍ଦୁଝର ସରସ୍ୱତୀ ବିଦ୍ୟାମନ୍ଦିରର ପ୍ରଧାନ ଆଚାର୍ଯ୍ୟ ତଥା ରାଜ୍ୟପାଳ ପୁରସ୍କାରପ୍ରାପ୍ତ ରାଜେନ୍ଦ୍ର ପ୍ରସାଦ ଅଗସ୍ତି। ବାଲେଶ୍ୱର ଜିଲା କାଞ୍ଚପଡ଼ା ଗ୍ରାମରେ ତାଙ୍କ ଘର। ଛାତ୍ରମାନେ ଉଚ୍ଚଶିକ୍ଷିତ ହୋଇ ଉଚ୍ଚ ପଦାଧିକାରୀ ହୋଇପାରିଲେ ତାଙ୍କୁ ମିଳେ ଆତ୍ମସନ୍ତୋଷ। ତେଣୁ ନିଜେ ଆର୍ଥିକ ସହାୟତା ନ କରିପାରିଲେ ଭଲ ସମ୍ପର୍କ ଥିବା ଅଭିଭାବକମାନଙ୍କ ସହ କଥାବାର୍ତ୍ତା ହୋଇ ସେମାନଙ୍କଠାରୁ ଆର୍ଥିକ ସହାୟତା ଆଣି ଗରିବ ମେଧାବୀ ପିଲାଙ୍କୁ ଉଚ୍ଚଶିକ୍ଷା ପାଇଁ ସହଯୋଗ କରୁଛନ୍ତି। ଏପର୍ଯ୍ୟନ୍ତ ସେ ପ୍ରାୟ ୩୦ ଜଣ ଗରିବ ଛାତ୍ରଙ୍କୁ ଉଚ୍ଚଶିକ୍ଷା ପାଇଁ ସହାୟତା କରିସାରିଲେଣି। ୧୯୩୮ ମସିହାରେ ବିଜେବି କଲେଜରୁ ଆଇଏ ପାସ୍ କରିବା ପରେ ରାଜେନ୍ଦ୍ର ପ୍ରସାଦ ଭୁବନେଶ୍ୱର ଶିଶୁ ମନ୍ଦିରରେ ପ୍ରଧାନ ଆଚାର୍ଯ୍ୟ ଭାବେ ନିଯୁକ୍ତି ପାଇଥିଲେ। ସେବେଠାରୁ ଆଜିଯାଏଁ ଦୀର୍ଘ ୩୯ବର୍ଷ ଧରି ଭୁବନେଶ୍ୱର, ଭଦ୍ରକ, ଅନୁଗୋଳ, ଚମ୍ପୁଆ, କେନ୍ଦୁଝରରେ ଶିଶୁ ବିଦ୍ୟାମନ୍ଦିରରେ ପ୍ରଧାନ ଆଚାର୍ଯ୍ୟ ଭାବରେ ସେ କାମ କରିଆସୁଛନ୍ତି। ଆଉ ପିଲାଙ୍କ ଭବିଷ୍ୟତ ଗଠନରେ ଅହରହ ଲାଗି ରହିଛନ୍ତି। ତାଙ୍କର ଏଭଳି ସହାୟତାରେ ଅନେକ ଛାତ୍ର ଆଜି ବଡ ବଡ ପଦପଦବୀରେ ଅଛନ୍ତି। ଯେମିତି କି ଅନୁଗୋଳରେ ଥିବା ବେଳେ ଉଚ୍ଚଶିକ୍ଷା ପାଇଁ ସହାୟତା କରିଥିବା ନରେନ୍ଦ୍ର ଦେହୁରୀ ଆଜି ଇସ୍ରୋ ଭଳି ଖ୍ୟାତିସମ୍ପନ୍ନ ସଂସ୍ଥାରେ ବୈଜ୍ଞାନିକ ଭାବରେ କାମ କରୁଛନ୍ତି, ଯାହା କି ତାଙ୍କ ପାଇଁ ଏକ ବଡ ଉପଲବ୍ଧି। ସେହିପରି ଦେବାଶିଷ ପାଲ ନାମକ ଜଣେ ଛାତ୍ର ଡାକ୍ତର ହୋଇପାରିଛନ୍ତି। କେନ୍ଦୁଝର ଜିଲା ଗୋନାସିକାର ଜୁଆଙ୍ଗ ଜନଜାତି ସଂପ୍ରଦାୟର ସୁରେଶ ଜୁଆଙ୍ଗଙ୍କୁ ବି ସେ ଆର୍ଥିକ ସହାୟତା ପ୍ରଦାନ କରିଥିଲେ ଇଂଜିନିୟରିଂରେ ଡିପ୍ଲୋମା ପଢ଼ିବା ପାଇଁ। ସେ ଯେଉଁ ଶିଶୁ ବିଦ୍ୟାମନ୍ଦିରରେ ପ୍ରଧାନ ଆଚାର୍ଯ୍ୟ ଭାବେ ନିଯୁକ୍ତି ପାଇଥାନ୍ତି ସେହି ବିଦ୍ୟାଳୟର ମେଧାବୀ ଛାତ୍ର ଅର୍ଥାଭାବରୁ ଉଚ୍ଚ ଶିକ୍ଷା ଲାଭ କରିପାରୁ ନ ଥିବା ଜାଣିବାକୁ ପାଇ ଅର୍ଥ ଯୋଗାଡ଼ କରି ତାଙ୍କୁ ଉଚ୍ଚ ଶିକ୍ଷା ଲାଭ କରିବାକୁ ସହାୟତା କରିଥାନ୍ତି। ତା'ସହ ସେହି ଶିଶୁ ବିଦ୍ୟାମନ୍ଦିରର ପରୀକ୍ଷା ଫଳାଫଳ ଓ ସାମଗ୍ରିକ ଦକ୍ଷତା ବୃଦ୍ଧି କରିଥାନ୍ତି। ତେଣୁ ସେ ବହୁ ପୁରସ୍କାର ଓ ସମ୍ମାନ ପାଇଛନ୍ତି। ପାଠ ପଢାଇବା ବ୍ୟତୀତ ସେ ଲେଖାଲେଖି ଓ ପରିବେଶ ସୁରକ୍ଷା ପାଇଁ ମଧ୍ୟ କାମ କରନ୍ତି। ଅଦ୍ୟାବଧି ରାଜେନ୍ଦ୍ର ପ୍ରସାଦ ୩୦ ଖଣ୍ଡ ଶିକ୍ଷା ସମ୍ବନ୍ଧୀୟ ପୁସ୍ତକ ଓ ଯୋଗ ବହି ଲେଖିଛନ୍ତି। ପରିବେଶ ସୁରକ୍ଷା ପାଇଁ କାର୍ଯ୍ୟକରି ପ୍ରକୃତିବନ୍ଧୁ ପୁରସ୍କାର ମଧ୍ୟ ପାଇଛନ୍ତି। ସେ କୁହନ୍ତି, 'ଯଦି ସମାଜରେ ସବୁ ଲୋକ ଅଭାବ ଅସୁବିଧାରେ ରହୁଥିବା ମେଧାବୀ ଗରିବ ଛାତ୍ରୀଛାତ୍ରଙ୍କୁ ଉଚ୍ଚଶିକ୍ଷା ପାଇଁ ସହାୟତା କରିବେ ତେବେ ଦେଶ ଗଠନରେ ସେମାନେ ଅଧିକ ସହାୟକ ହୋଇପାରିବେ।'

**ଅବସର ପରେ ବି ମାଗଣା ଶିକ୍ଷାଦାନ:** ସରକାରୀ କର୍ମଚାରୀ ୬୦ ବର୍ଷ ବୟସ ପର୍ଯ୍ୟନ୍ତ କାର୍ଯ୍ୟକରିବା ପରେ ଅବସର ନେଇଥାନ୍ତି। କିନ୍ତୁ ଖୋର୍ଦ୍ଧା ଜିଲା ଟାଙ୍ଗୀ ବ୍ଲକ୍ ଡିଆ ପଞ୍ଚାୟତ କାଶିପୁର ଗ୍ରାମର ଶିକ୍ଷକ କମଳଲୋଚନ ପ୍ରଧାନ ୨୦୧୨ରୁ ଅବସର ନେଇସାରି ବି ପିଲାଙ୍କୁ ପଢାଇବା ଜାରି ରଖିଛନ୍ତି। କାରଣ ଅବସର ପରେ ସେ ଗୋଟିଏ ମୁହୂର୍ତ୍ତ ବି ଖାଲିରେ ବସି ପାରି ନ ଥିଲେ। ଶ୍ରେଣୀଗୃହ, ପିଲାଙ୍କ କୋଳାହଳ ତାଙ୍କୁ ବହୁତ ମନେ ପଡ଼ିଥିଲା। ସେଥିପାଇଁ ସେ ନିକଟସ୍ଥ ସ୍କୁଲକୁ ଯାଇ ଆଗଭଳି ନିୟମିତ ପିଲାଙ୍କୁ ପଢାଇବା ଆରମ୍ଭ କଲେ। ସେପୁଣି ବିନା ମୂଲ୍ୟରେ। ଆଉ ଏଇଥିରେ ତାଙ୍କୁ ଖୁବ ଆନନ୍ଦ ମିଳୁଛି ବୋଲି ସେ କୁହନ୍ତି। ୧୯୭୬ ମସିହାରେ ସେ ବି.ଏ.(ସି ଟି)ପାସ୍ କରି ପ୍ରଥମେ ବିରିଡୋଇ ସ୍କୁଲରେ ପ୍ରଧାନ ଶିକ୍ଷକ ଭାବେ ନିଜର କର୍ମମୟ ଜୀବନ ଆରମ୍ଭ କରିଥିଲେ। ପରେ ୫।୧୧।୧୯୮୨ମସିହାରେ ସେ ପୁରୀ ଜିଲା କଣାସ ବ୍ଲକ୍ ଓଲ୍ହାଣ ହାଇସ୍କୁଲରେ ଶିକ୍ଷାଦାନ କଲେ। ସେଠାରେ ସେ ଦୀର୍ଘ ୩୯ ବର୍ଷଧରି କାର୍ଯ୍ୟରତ ଥିଲେ। ଆଉ ୩୦।୪।୨୦୧୨ମସିହାରେ



କମଳଲୋଚନ ପ୍ରଧାନ



ରାଜେନ୍ଦ୍ର ପ୍ରସାଦ ଅଗସ୍ତି





ପିଲାଙ୍କୁ ପଢାଉଛନ୍ତି ବିଷ୍ଣୁ ଚରଣ ସୂତାର

ଅବସର ଗ୍ରହଣ କଲେ। କିନ୍ତୁ ଅବସର ସମୟ ତାଙ୍କୁ କାମୁଡି ଗୋଡେଇଲା ପରି ଲାଗିଲା। ପିଲାଙ୍କ କୋଳାହଳ ତାଙ୍କ କାନରେ ଗୁଞ୍ଜରିତ ହେଲା। ସେଥିପାଇଁ ସେ ସ୍ଥାନୀୟ ନିରାକାରପୁରଠାରେ ଥିବା କ୍ଷେତ୍ରବାସୀ ଏକାଡେମୀ ସ୍କୁଲକୁ ଯାଇ ପିଲାଙ୍କୁ ପଢାଇଲେ। ସେବେଠାରୁ ଆଜିଯାଏ ଦୀର୍ଘ ୯ ବର୍ଷ ହେବ ସେ ବିନା ବେତନରେ ପଢାଇବା ଜାରି ରଖିଛନ୍ତି। ସେ କୁହନ୍ତି, 'ମୋ ଶିକ୍ଷାଦାନରେ ଅନେକ ଛାତ୍ରୀଛାତ୍ର ଖାଲି ଓଡ଼ିଶାରେ ନୁହେଁ ଭାରତର ବିଭିନ୍ନ ସ୍ଥାନରେ ଭିନ୍ନ ଭିନ୍ନ ପଦପଦବୀରେ ରହିଛନ୍ତି। ପିଲାମାନେ ଉତ୍ତମ ଶିକ୍ଷା ପାଇ ଉଚ୍ଚ ପଦପଦବୀରେ ରହିଲେ ନିଜ ଆତ୍ମାକୁ ସନ୍ତୋଷ ମିଳିଥାଏ। ତେଣୁ ଶେଷ ନିଃଶ୍ୱାସ ଥିବା ଯାଏ ମୁଁ ଶିକ୍ଷାଦାନ କରିବି।'

**୫ ଜଣ ଗରିବ ଓ ଜଣେ ଅନାଥ ଛାତ୍ରଙ୍କୁ ଦେଉଛନ୍ତି ମାଗଣା ଶିକ୍ଷାଦାନ**

ଛାତ୍ରଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରି ନିଃସ୍ୱାର୍ଥପର ଭାବେ ନିଜର ଦାୟିତ୍ୱ ତୁଲାଉଥିବା ଆଉ ଜଣେ ଶିକ୍ଷକ ହେଉଛନ୍ତି ବ୍ରହ୍ମପୁର ସହର କାହ୍ନୁ ପାତ୍ର ସାହି ଅଞ୍ଚଳର ଶିକ୍ଷକ କାହ୍ନୁ ଚରଣ ପାତ୍ର। କୁକୁଡାଖଣ୍ଡି ବ୍ଲକ ଲାଞ୍ଜିଆ ପଞ୍ଚାୟତ ବାଳକୃଷ୍ଣପୁର ହେଉଛି ତାଙ୍କ ଗାଁ। କାହ୍ନୁଙ୍କ ପିତା ବୃନ୍ଦାବନ ପାତ୍ର ବାଳକୃଷ୍ଣପୁର ଗ୍ରାମ ସ୍କୁଲରେ ଶିକ୍ଷକ ଥିଲେ। ସେ ଶୈକ୍ଷିକତା କରୁଥିବା ସମୟରେ ଗରିବ ପିଲାଙ୍କୁ ମାଗଣାରେ ପାଠ ପଢ଼ାଇବା ସହ ତାଙ୍କର ସମସ୍ତ ପଢା ଖର୍ଚ୍ଚ ବହନ କରୁଥିଲେ। ତେବେ ପିତାଙ୍କ ଦେହାନ୍ତ ପରେ କାହ୍ନୁଙ୍କ ପରିବାରର ଆର୍ଥିକ ଅବସ୍ଥା ଦୋହଲି ଯାଇଥିଲା। ଆଉ କାହ୍ନୁ ଚରଣ ୧୯୯୫, ଯୁକ୍ତ ୩ରେ ପଢୁଥିବା ସମୟରେ ହିଁ ନିଜ ବାପାଙ୍କ ଭଳି ଘରୋଇ ଟ୍ୟୁସନ୍ କରିବା ଆରମ୍ଭ କରିଥିଲେ। ଗଣିତ ବିଷୟକୁ ଭଲ ପାଉଥିବା କାହ୍ନୁ ସାର୍ ଗଣିତର ସୂତ୍ର ଓ ଶୈଳୀକୁ ଖୁବ୍ ସରଳ ଭାବେ ପିଲାଙ୍କୁ ପଢ଼ାଇଥାନ୍ତି। ତେଣୁ ତାଙ୍କ ନିକଟକୁ ଅଧିକରୁ ଅଧିକ ପିଲା ଆସିବାକୁ ଲାଗିଲେ। ପଢ଼ାଇବା ବ୍ୟତୀତ ସେ ନିଜ ବାପାଙ୍କ ପଥ ଅନୁସରଣ କରି ବର୍ତ୍ତମାନ ଦଶମ ଓ ଯୁକ୍ତ ୨ ରେ ପଢୁଥିବା ୫ ଜଣ ଛାତ୍ରଙ୍କୁ ମାଗଣାରେ ପାଠ ପଢାଉଛନ୍ତି। ଏପରିକି ମହାମାରୀ କରୋନାରେ ମୃତ୍ୟୁବରଣ କରିଥିବା ଜଣେ ଯୁକ୍ତ ୨ ଛାତ୍ରର ସମସ୍ତ ପାଠପଢା ଖର୍ଚ୍ଚ ସାଙ୍ଗକୁ ତାକୁ ଆର୍ଥିକ ସହାୟତା ମଧ୍ୟ ପ୍ରଦାନ କରୁଛନ୍ତି। ମହାମାରୀ ସମୟରେ ସେ ପଢା ବନ୍ଦ ନ କରି ଅନ୍ ଲାଇନ୍ ମାଧ୍ୟମରେ ପଢାଇବା ଜାରି ରଖିଥିଲେ। ତା'ସହ ସେ ଛାତ୍ରୀଛାତ୍ରଙ୍କ ଟ୍ୟୁସନ୍ ଫି ବି ଛାଡ଼ କରିଥିଲେ। ଏହାବାଦ୍ ବିଦ୍ୟାଳୟଗୁଡିକରେ ଯେମିତି କିଛି ଅଭାବ ନ ରହୁ ସେଥିପାଇଁ ବ୍ରହ୍ମପୁର ସହର ସମେତ ନିଜ ଗ୍ରାମରେ ରହିଥିବା ବାଘଝରୀ ସ୍କୁଲକୁ ସେ ଖେଳ ଉପକରଣ ସହ ଅନ୍ୟାନ୍ୟ ସରଞ୍ଜାମ ପ୍ରଦାନ କରିଛନ୍ତି। ଆଉ ପାନୀୟ ଜଳର ବ୍ୟବସ୍ଥା ମଧ୍ୟ କରିଛନ୍ତି। ଶିକ୍ଷକ କାହ୍ନୁ ଶିକ୍ଷକତା ସାଙ୍ଗକୁ ସାମାଜିକ କାର୍ଯ୍ୟରେ ମଧ୍ୟ ଲିପ୍ତ ରହିଥାନ୍ତି। ଏହାବାଦ୍ ସେ ବୃକ୍ଷରୋପଣ, ରକ୍ତଦାନ କରିବା ଓ ସ୍ୱାସ୍ଥ୍ୟ ସେବା ବି ପ୍ରଦାନ କରନ୍ତି। ନିକଟରେ ସେ ନିଜର ଜନ୍ମଦିନ ଅବସରରେ ଏମ୍‌କେସିଜି ଆନାଟୋମି ବିଭାଗକୁ ନିଜର ଅଙ୍ଗଦାନ ମଧ୍ୟ କରିଛନ୍ତି।

**ପିଲାଙ୍କୁ ପଢ଼ାଇବାରେ ମିଳେ ଆନନ୍ଦ:**

ପାରାଦୀପରେ ବିଷ୍ଣୁ ସାର ନାମ କହିଲେ ଊଣାଧିକ ଲୋକଙ୍କ ନଜରକୁ ଆସେ ତାଙ୍କର ଚେହେରା। ସବୁବେଳେ ଧଳାଶାର୍ଟ ପିନ୍ଧି ସାଇକେଲ ଚଳାଇ ସ୍କୁଲ ଯାଉଥିବା ସେହି ସାର୍ ବୟସର ସାୟାହ୍ନରେ ପହଞ୍ଚି ଗଲେଣି କିନ୍ତୁ ଛାଡି ନାହାନ୍ତି ଶିକ୍ଷକତା। ବୟସ ୭୫ ପାଖାପାଖି ହେଲାଣି। ଏବେ ବି ସବୁଦିନ ପିଲାଙ୍କୁ ପଢାଇବାରେ କଟୁଛି ସମୟ। ସେ ହେଉଛନ୍ତି ବିଷ୍ଣୁ ଚରଣ ସୂତାର। ୧୯୪୭ ସେପ୍ଟେମ୍ବର ୪, କୁଜଙ୍ଗ ବ୍ଲକ ଅନ୍ତର୍ଗତ ବଡଗବପୁର ଗ୍ରାମରେ ତାଙ୍କର ଜନ୍ମ। ପିଲାବେଳୁ ମେଧାବୀ ଥିଲେ। ଗଣିତରେ ଶହେରୁ ଶହେ ରଖି ମାଟ୍ରିକ ପାଶ୍ କରିଥିଲେ। ସେତେବେଳେ ତାଙ୍କ ମାମୁଘର ଗ୍ରାମ ବାମଦେଇପୁରରେ ନୂଆକରି ମଧ୍ୟଇଂରାଜୀ ସ୍କୁଲ ଖୋଲିଥାଏ। ସେଥିରେ ଶିକ୍ଷକତା କରିବା ପାଇଁ ଗାଁ ଲୋକେ ଅନୁରୋଧ କରିବାରୁ ସେଠାରେ ୧୯୬୫ରେ ଶିକ୍ଷକ ଭାବେ କାର୍ଯ୍ୟ ଆରମ୍ଭ କରିଥିଲେ। ମାସକୁ ୩୦ ଟଙ୍କା ମିଳୁଥିଲା। ପରେ ମାଟ୍ରିକ ସିଟି ପରୀକ୍ଷା ଦେଇସାରିଲା ପରେ ପାରାଦୀପ ଆସି ଗୋପାଳଜୀଉ ପ୍ରାଥମିକ ବିଦ୍ୟାଳୟ(ଏବେକାର ସଞ୍ଜୟ ଗାନ୍ଧୀ ବିଦ୍ୟାପୀଠ)ରେ ନିଯୁକ୍ତି ପାଇଥିଲେ। ଏହାପରେ ୧୯୭୭ ମସିହାରେ ପୋର୍ଟ ଟ୍ରଷ୍ଟ ୟୁ ପି ସ୍କୁଲରେ ଶିକ୍ଷକତା କଲେ। ପରେ ପୋର୍ଟ ହାଇସ୍କୁଲରେ ଶିକ୍ଷକ ଭାବେ ଅବସର(୨୦୦୫) ପର୍ଯ୍ୟନ୍ତ କାର୍ଯ୍ୟ କରିଥିଲେ। ଦୀର୍ଘ ବର୍ଷର ଶିକ୍ଷକତା ମଧ୍ୟରେ ପିଲାଙ୍କ ସହିତ ଏମିତି ଜଡ଼ିତ ହୋଇ ଯାଇଥିଲେ ଯେ ଅବସର ପରେ ତାଙ୍କ ସମୟ ଯେମିତି କଟୁ ନ ଥିଲା। ତେଣୁ ସେ ପୁଣିଥରେ ପିଲାଙ୍କୁ ପଢ଼ାଇବା ଆରମ୍ଭ କଲେ। ପାରିଶ୍ରମିକ ମିଳୁ କି ନ ମିଳୁ ଶରୀରରେ ବଳ ଥିବାଯାଏ ପିଲାଙ୍କୁ ପଢ଼ାଇବା ଲକ୍ଷ୍ୟରେ ସେ ଭିନ୍ନ ଭିନ୍ନ ସ୍କୁଲକୁ ଯାଇ ନିଜର ପସନ୍ଦ ବିଷୟ ଗଣିତ ପଢ଼ାଇଲେ। ପ୍ରାୟ ୨ ବର୍ଷ ଏଭଳି ମାଗଣା ପଢ଼ାଇବା ତାଙ୍କର ଜାରି ରହିଲା। ପରେ ୨୦୦୭ରେ ପାରାଦୀପରେ ନୂଆ ଖୋଲିଥିବା ନବପ୍ରଭାତ ସ୍କୁଲ ପରିଚାଳକ ବସନ୍ତ ବିଶ୍ୱାଳ (ବିଷ୍ଣୁ ସାରଙ୍କ ପୁରାତନ ଛାତ୍ର) ଶିକ୍ଷା ପ୍ରତି ତାଙ୍କର ନିଷ୍ଠା ଦେଖି ତାଙ୍କୁ ଅନୁରୋଧ କରିଥିଲେ ତାଙ୍କ ନୂଆ ସ୍କୁଲରେ ପିଲାଙ୍କୁ ପଢ଼ାଇବା ପାଇଁ। ସେବେଠୁ ସେଠାରେ ସେ ଖୁବ୍ କମ୍ ବେତନରେ ଶିକ୍ଷକତା କରିଆସୁଛନ୍ତି। ଶିକ୍ଷକତା ବାଦ୍ ତାଙ୍କର କୌଳିକ ବୃତ୍ତି କାଠ କାମରେ ବି ସେ ମାଷ୍ଟର ଡିଗ୍ରୀ ହାସଲ କରିଛନ୍ତି। ବିଭିନ୍ନ ମହାପୁରୁଷ, ରଥ, ବିଭାନ, ଚାଷ ଉପକରଣଗୁଡ଼ିକୁ ସେ ନିଖୁଣ ଭାବେ ତିଆରି କରନ୍ତି।


ଏଭଳି ନିଃସ୍ୱାର୍ଥ ଶିକ୍ଷାଦାନ ପାଇଁ ହିଁ ତ ଗୁରୁଙ୍କ ସ୍ଥାନ ସର୍ବଦା ଉଚ୍ଚରେ ରହିଆସିଛି। ଯଦିଓ ଆଜିର ଅର୍ଥସର୍ବସ୍ୱ ଦୁନିଆରେ ଏଥିରେ କିଛି ବ୍ୟତିକ୍ରମ ଆସିଛି, ତଥାପି କିଛି ଶିକ୍ଷକଙ୍କ ଶିକ୍ଷା ପ୍ରତି ଥିବା ସମର୍ପଣ ଭାବ ପାଇଁ ଆଜି ବି ଗୁରୁ ନମସ୍ୟ।

**-ଶିବାନୀ ମହାନ୍ତି**

*ତଥ୍ୟ: ପବନ ପାଣିଗ୍ରାହୀ, ନରେଶ ଚନ୍ଦ୍ର ପଟ୍ଟନାୟକ, ମାନସ ଚନ୍ଦ୍ର ପଟ୍ଟନାୟକ, ସ୍ମୃତିରଞ୍ଜନ ମହାଲିକ୍, ଶରତ କୁମାର ରାଉତ,*

# ପ୍ରସିଦ୍ଧ ଗଣେଶ ମନ୍ଦିର





ବିଘ୍ନ ବିନାଶକ ଭାବେ ସବୁଠୁ ଆଗେ ତାଙ୍କୁ ଆବାହନ କରି ପୂଜା କରାଯାଇଥାଏ। ସେଥିପାଇଁ ତାଙ୍କୁ ଅଗ୍ରପୂଜ୍ୟ ବୋଲି ବି କୁହାଯାଏ। ବିଦ୍ୟାଦାତା ଭାବେ ବି ସେ ପରିଚିତ। ସେ ହେଉଛନ୍ତି ପ୍ରଭୁ ଶ୍ରୀଗଣେଶ । ତାଙ୍କ ଆବାହନ ପାଇଁ ସମଗ୍ର ଭାରତରେ ରହିଛି ଅନେକ ଲୋକପ୍ରିୟ ଗଣେଶ ମନ୍ଦିର। ଆସନ୍ତୁ ଜାଣିବା ସେମିତି କେତୋଟି ପ୍ରସିଦ୍ଧ ଗଣେଶ ପୀଠ ସମ୍ପର୍କରେ...





**✻ଶ୍ରୀ ସିଦ୍ଧିବିନାୟକ ମନ୍ଦିର:** ଏହା ଭାରତରେ ଥିବା ସମସ୍ତ ଗଣେଶ ମନ୍ଦିର ମଧ୍ୟରୁ ସବୁଠୁ ଲୋକପ୍ରିୟ ତଥା ପ୍ରସିଦ୍ଧ। ଏହା ମହାରାଷ୍ଟ୍ରର ମୁମ୍ବାଇ ସହରରେ ଅବସ୍ଥିତ। ଏହା ଏକ ଧନୀ ମନ୍ଦିର ଭାବେ ବି ଜଣାଶୁଣା। ପ୍ରତିଦିନ ଏଠାକୁ ଲକ୍ଷ ଲକ୍ଷ ସଂଖ୍ୟାରେ ଭକ୍ତଗଣ ଆସି ପ୍ରଭୂଙ୍କର ଦର୍ଶନ କରି କୃପା ଲଭିଥାନ୍ତି। ବଲିଉଡ୍ ସେଲିବ୍ରେଟିମାନେ ବି ଏଠାକୁ ପ୍ରଭୁଙ୍କ ଦର୍ଶନ ପାଇଁ ଅନେକ ସମୟରେ ଆସିଥାନ୍ତି।

**✻ଶ୍ରୀମନ୍ତ ଦଗ୍‌ଡୁଶେଠ୍ ହଲୱାଇ ଗଣପତି ମନ୍ଦିର:** ଶ୍ରୀ ସିଦ୍ଧିବିନାୟକ ମନ୍ଦିର ପରେ ଏହା ଭାରତର ଦ୍ୱିତୀୟ ଲୋକପ୍ରିୟ ଗଣେଶ ପୀଠ ଭାବେ ପରିଚିତ। ପୁଣେରେ ଥିବା ଏହି ମନ୍ଦିରକୁ ପ୍ରଭୁଙ୍କ ଦର୍ଶନ ପାଇଁ ବିଭିନ୍ନ ସ୍ଥାନରୁ ଭକ୍ତଗଣ ଧାଇଁ ଆସିଥାନ୍ତି। ତା'ଛଡ଼ା ଏହି ମନ୍ଦିରର ଟ୍ରଷ୍ଟକୁ ଦେଶର ସବୁଠାରୁ ବିତ୍ତଶାଳୀ ଟ୍ରଷ୍ଟ ଭାବେ ବିବେଚନା କରାଯାଇଥାଏ। କାରଣ ଏହି ଟ୍ରଷ୍ଟକୁ ବହୁ ଧନୀ ଲୋକ ଟଙ୍କା, ସୁନା, ରୂପା ଆଦି ଦାନ କରୁଥିବାର ସୂଚନା ରହିଛି। ଏହି ମନ୍ଦିରକୁ ଶୀମନ୍ତ ଦଗ୍‌ଡୁଶେଠ୍ ନାମକ ଜଣେ ହଲୱାଇ(ମିଠା ବ୍ୟବସାୟୀ) ନିର୍ମାଣ କରିଥିବାରୁ ଏହାର ଏପରି ନାମକରଣ ହୋଇଥିବା କୁହାଯାଏ।

**✻କନିପକମ୍ ବିନାୟକ ମନ୍ଦିର:** ଏହି ମନ୍ଦିର ଆନ୍ଧ୍ରପ୍ରଦେଶର ଚିତ୍ତୁର ଜିଲା ଅନ୍ତର୍ଗତ କନିପକମ୍ ନାମକ ଏକ ଛୋଟ ଟାଉନ୍‌ରେ ଅବସ୍ଥିତ। ଏହି ମନ୍ଦିରଟି ନିଜର ପ୍ରାଚୀନ ଐତିହାସିକ ଶିଳ୍ପକଳା ତଥା ଆକର୍ଷଣୀୟ ଡିଜାଇନ୍ ପାଇଁ ବେଶ୍ ଖ୍ୟାତି ଅର୍ଜନ କରିପାରିଛି। ଏହା ଶ୍ରୀ ବାରସିଦ୍ଧି ବିନାୟକ ମନ୍ଦିର ଭାବେ ବି ପରିଚିତ। ଏଠାକୁ ଆସୁଥିବା ଭକ୍ତଗଣ ପାପମୋଚନ ପାଇଁ ମନ୍ଦିରରେ ଥିବା ପବିତ୍ର ଜଳକୁଣ୍ଡରେ ସ୍ନାନ କରିଥାନ୍ତି।


**✻ରନ୍ଥାମ୍ବୋର ଗଣେଶ ମନ୍ଦିର:** ରାଜସ୍ଥାନରେ ଥିବା ଏହି ଗଣେଶ ମନ୍ଦିରଟି ବି ବେଶ୍ ପ୍ରସିଦ୍ଧ। ଏଠାରେ ଭକ୍ତଗଣ ଗଣେଶ ଠାକୁରଙ୍କର ତ୍ରିନେତ୍ର ବିଶିଷ୍ଟ ମୂର୍ତ୍ତିକୁ ଦେଖିବାର ସୁଯୋଗ ପାଇଥାନ୍ତି। ଏହି ମନ୍ଦିରଟି ପ୍ରାୟ ହଜାର ବର୍ଷରୁ ଊର୍ଦ୍ଧ୍ୱ ପୁରୁଣା ହେବ ବୋଲି ସୂଚନା ରହିଛି।


**✻ମୋତି ଡୁଙ୍ଗ୍‌ରୀ ଗଣେଶ ମନ୍ଦିର:** ରାଜସ୍ଥାନର ଜୟପୁରରେ ଥିବା ମୋତି ଡୁଙ୍ଗ୍‌ରୀ ନାମକ ଏକ ପାହାଡ ଉପରେ ଏହି ମନ୍ଦିରଟି ଅବସ୍ଥିତ। ସୂଚନାନୁଯାୟୀ, ଏହି ମନ୍ଦିରରେ ପୂଜା ପାଉଥିବା ଗଣେଶଙ୍କର ମୂର୍ତ୍ତିଟି ପ୍ରାୟ ୫ଶହ ବର୍ଷ ତଳର ହେବ। ଏଠାରେ ପୂଜା ପାଉଥିବା ଗଣେଶଙ୍କର ରଙ୍ଗ ହେଉଛି ସିନ୍ଦୁର ରଙ୍ଗ। ଏହି ମନ୍ଦିର ନିକଟରେ ଜୟପୁର ମହାରାଣୀଙ୍କର ଏକ ମହଲ ଥିବାର ମଧ୍ୟ ପର୍ଯ୍ୟଟକ ଦେଖିପାରିବେ।

**✻ଉଚ୍ଚୀ ପିଲ୍ଲାୟାର୍ ମନ୍ଦିର:** ତାମିଲନାଡୁରେ ଥିବା ଏହି ମନ୍ଦିରଟି ବି ହେଉଛି ସ୍ଥାନୀୟ ଏକ ଲୋକପ୍ରିୟ ଗଣେଶ ମନ୍ଦିର। ଏହା ମଧ୍ୟ ସ୍ଥାନୀୟ ଏକ ପାହାଡି ଦୁର୍ଗରେ ନିର୍ମିତ ହୋଇଛି। କେବଳ ଗଣେଶ ଠାକୁର ନୁହଁନ୍ତି, ଏହି ମନ୍ଦିରରେ ଭକ୍ତଗଣ ଦେବ ଦେବ ମହାଦେବ ଓ ମାତା ପାର୍ବତୀଙ୍କୁ ମଧ୍ୟ ଆରାଧନା କରିପାରିବେ। କେବଳ ଏତିକି ନୁହେଁ ଭାରତରେ ଆହୁରି ଅନେକ ପ୍ରସିଦ୍ଧ ଗଣେଶ ମନ୍ଦିର ମଧ୍ୟ ରହିଛି ; ଯେଉଁଠାକୁ ବୁଲିଯାଇ ଭକ୍ତଗଣ ପ୍ରଭୂଙ୍କ ଦର୍ଶନ କରି ଅପାର କରୁଣା ଲଭି ପାରିବେ।









# ନନ୍ଦ ମାଷ୍ଟ୍ରେଙ୍କ ଚାଟଶାଳୀ

**ଜୀବନର ଅପରାହ୍ଣରେ ସେ ଉପନୀତ। ତଥାପି ବଞ୍ଚେଇ ରଖିଛନ୍ତି ଗାଁ ଚାଟଶାଳୀକୁ । କିନ୍ତୁ ଶିକ୍ଷା କ୍ଷେତ୍ରରେ ସେବା ଓ ତ୍ୟାଗ ପାଇଁ ତାଙ୍କୁ ମିଳିଛି ଦେଶର ସମ୍ମାନଜନକ ଉପାଧି ପଦ୍ମଶ୍ରୀ ପୁରସ୍କାର। ସେହି ବିରଳ ବ୍ୟକ୍ତି ହେଲେ ପଦ୍ମଶ୍ରୀ ନନ୍ଦ କିଶୋର ପୃଷ୍ଟି ।**

ଗୁରୁଙ୍କ ସ୍ଥାନ ସବୁବେଳେ ସର୍ବାଗ୍ରେ। ଗୁରୁ ହିଁ ଈଶ୍ୱରଙ୍କୁ ଚିହ୍ନେଇ ଥାନ୍ତି। ଶିକ୍ଷା ଦୂର କରେ ଅଜ୍ଞାନରୂପକ ଅନ୍ଧାରକୁ । ଶିକ୍ଷା ପାଇଲେ ମଣିଷର ବ୍ୟକ୍ତିତ୍ୱ ବିକଶିତ ହୁଏ । ତେବେ ଶିକ୍ଷା କଥା ମନକୁ ଆସିଲେ ଆପେ ଆପେ ମନେପଡ଼େ ବିଦ୍ୟାଳୟ। କିନ୍ତୁ ଦିନଥିଲା ଶିକ୍ଷାଗ୍ରହଣ ପାଇଁ ଶିଷ୍ୟମାନେ ଯାଉଥିଲେ ଗୁରୁକୁଳ ଆଶ୍ରମ ତ ପୁଣି କେହି କେହି ଯାଉଥିଲେ ଗାଁ ଚାଟଶାଳୀକୁ। ସେମିତି ଜଣେ ଗୁରୁ ଯେ କି ମାଗଣାରେ ଦୀର୍ଘ ୭ ଦଶନ୍ଧି ଧରି ଶିକ୍ଷାଦାନ ଦେଇ ଚାଲିଛନ୍ତି। ଏଥିପାଇଁ କାହାରିଠାରୁ କେବେ ନେଇନାହାନ୍ତି ତାଙ୍କ ଶିକ୍ଷାଦାନର ମୂଲ। କିନ୍ତୁ ସେ କୌଣସି ସରକାରୀ ସ୍କୁଲର ନିଯୁକ୍ତପ୍ରାପ୍ତ ଶିକ୍ଷକ ନୁହନ୍ତି। ହେଲେ ଶିକ୍ଷାଦାନକୁ ନିଜର ପରମବ୍ରତ ଭାବେ ପାଳନକରି ଚାଲିଛନ୍ତି। ସେ ଜଣେ ନୀତିନିଷ୍ଠ, ଧାର୍ମିକ, କର୍ତ୍ତବ୍ୟପରାୟଣ ଓ ଛାତ୍ରବତ୍ସଳ ବ୍ୟକ୍ତି। ସର୍ବଦା ନିରାମିଷ ଭୋଜନ କରନ୍ତି। ପତଳା ଚେହେରା, ଗୌରବର୍ଣ୍ଣ, ଡେଙ୍ଗାଶରୀରକୁ ଶୋଭାପାଉଥାଏ ଖୋର୍ଦ୍ଧା ଗାମୁଛା। ଏବେ ସେ ଶତାୟୁ । ବୟସ ୧୦୨ ଟପିସାରିଲାଣି । ଜୀବନର ଅପରାହ୍ଣରେ ସେ ଉପନୀତ। ତଥାପି ବଞ୍ଚେଇ ରଖିଛନ୍ତି ଗାଁ ଚାଟଶାଳୀକୁ । କିନ୍ତୁ ଶିକ୍ଷା କ୍ଷେତ୍ରରେ ସେବା ଓ ତ୍ୟାଗ ପାଇଁ ତାଙ୍କୁ ମିଳିଛି ଦେଶର ସମ୍ମାନଜନକ ଉପାଧି ପଦ୍ମଶ୍ରୀ ପୁରସ୍କାର। ସେହି ବିରଳ ବ୍ୟକ୍ତି ହେଲେ ପଦ୍ମଶ୍ରୀ ନନ୍ଦ କିଶୋର ପୃଷ୍ଟି । ତାଙ୍କ ପିତାଙ୍କ ନାମ ନାଭ ପୃଷ୍ଟି । ମାତା ଚନ୍ଦ୍ରମଣି ଦେଈ । ଘର ଯାଜପୁର ଜିଲା ସୁକିନ୍ଦା ବ୍ଲକ ଅନ୍ତର୍ଗତ ବର୍ତ୍ତଣ୍ଡା ଗ୍ରାମ ପଞ୍ଚାୟତର ନୂଆଗାଁରେ। ସେ କୁହନ୍ତି-ସେତେବେଳେ ଚାରିଆଡ଼େ ବଣ ଜଙ୍ଗଲ। ବିଭିନ୍ନ ଗାଁକୁ ଯିବାକୁ ହେଲେ ପାଦଚଲା ବାଟରେ ଯିବାକୁ ପଡ଼େ। ଶିକ୍ଷାର ବିଶେଷ ପ୍ରଚାର ପ୍ରସାର ହୋଇ ନ ଥାଏ। ଅନେକେ ପାଠପଢ଼ାରୁ ବଞ୍ଚିତ ହୁଅନ୍ତି। କିନ୍ତୁ ମୋର ଜନ୍ମଲାଭ ପୂର୍ବରୁ ମୋ ମା'ବାପାଙ୍କର କେତୋଟି ପିଲା ମରିଯାଇଥିଲେ। ଏଥିପାଇଁ ଘରେ ମୋର ଜାତକ କରି ନ ଥିଲେ। ପିଲାଟି ଦିନରୁ ମାମୁଘର ହରିପୁରରେ ରହି ପାଠ ପଢ଼ିଥିଲି । ସେତେବେଳେ ମୋର ସାଙ୍ଗମାନେ ଶିକ୍ଷକ ଚାକିରି କରୁଥିବାରୁ ମୋର ବି ଇଚ୍ଛାଥିଲା ଶିକ୍ଷକ ହେବା ପାଇଁ। ଦିନେ ଲୁଚିକରି ମାମୁଘରକୁ ପଳାଇ ଥିଲି। ମାମୁ କହିଲେ ତୋର ଭାଗ୍ୟରେ ଚାକିରି ନାହିଁ, ତୁ ଘରକୁ ଯା, ତା'ପରେ ଫେରିଆସିଲି। ବାପା କହିଲେ ଘରେ ମୁଁ ଚାକର ରଖୁଛି ମୋ ପୁଅ ପୁଣି ଚାକିରି କରିବ। ସେବେଠୁ ମତେ ଚାକିରି ପାଇଁ ସୁଯୋଗ ଦେଲେ ନାହିଁ। ବାପାଙ୍କ ସହିତ ଘରେ ବିଲବାରି କାମ କଲି। ସେତେବେଳେ ଦେଖିଲି ଗାଁର ବହୁ ଲୋକ ଦସ୍ତଖତ ନକରି ଟିପ ଦେଉଛନ୍ତି। ସେମାନେ ଭଲମନ୍ଦ କିଛି ଜାଣୁନାହାନ୍ତି । ସେମାନଙ୍କୁ ସ୍ୱାକ୍ଷର ଶିଖାଇଲି, ପଣକିଆ ପଢ଼ାଇଲି। ସେବେଠୁ ଚାଲିଛି ପାଠପଢ଼େଇବା । ପୁରୁଣା ଘରକୁ ଲାଗି ଏକ ନୁଆଁଣିଆ ଚାଳିଆଘରଟିଏ ତୋଳିଲି । ୧୯୪୮ ମସିହାରେ ଆରମ୍ଭ କଲି ଚାଟଶାଳୀ। ପ୍ରତିଦିନ ଏହି ଚାଟଶାଳୀରେ ସକାଳ ୭ଟାରୁ ୯ଯାଏ ଏବଂ ଅପରାହ୍ଣ ପ୍ରାୟ ୪ଟାରୁ ସନ୍ଧ୍ୟା ୬ଟା ଯାଏ ପିଲାଙ୍କୁ ପାଠ ପଢ଼େଇଥାଏ। ଚାଟଶାଳୀ ସମ୍ମୁଖରେ ଥିବା ଏକ ପିଣ୍ଡିରେ ପିଲାମାନେ ଶୀତଦିନେ କଅଁଳିଆ ଖରାରେ ବି ପାଠପଢ଼ନ୍ତି। ଗାଁରେ ଅଧାରୁ ପାଠପଢ଼ା ଛାଡୁଥିବା କେତେକ ପିଲାଙ୍କ ସମେତ ଛୋଟଛୋଟ ପିଲାମାନଙ୍କୁ ଏହି ଚାଟଶାଳୀରେ ଅ-ଆ.. ପାଠପଢ଼ାରୁ ଆରମ୍ଭକରି ନିତିଶିକ୍ଷା ଦିଆଯାଇଥାଏ। ସେବେଠାରୁ ଆଜିଯାଏ ଏମିତି ଚାଟଶାଳୀ ଚାଲିଛି। କାହାରିଠାରୁ ଏଥିପାଇଁ ପଇସା ନିଏ ନାହିଁ। ମାଗଣାରେ ଛୋଟଛୋଟ ପିଲାଙ୍କୁ ଶିକ୍ଷାଦାନ ଦେଇ ଆନନ୍ଦ ପାଏ। ଏମିତି ପାଠ ପଢ଼େଇବାରେ ୭୦ବର୍ଷ ବିତିସାରିଲାଣି। ପ୍ରତିଦିନ ସକାଳୁ କିଛି ସମୟ ପାଇ ବିଭିନ୍ନ ବୃକ୍ଷ ଲତାର ଯତ୍ନ ନେବାକୁ ଭୁଲେନାହିଁ। ଅଧିକାଂଶ ସମୟ ବ୍ରାହ୍ମଣୀନଦୀରେ ସ୍ନାନ କରିଥାଏ। ନିଜର ନିତ୍ୟକର୍ମ ସାରି ଘର ନିକଟରେ ଥିବା ହନୁମାନ ମନ୍ଦିରରେ ପୂଜାର୍ଚ୍ଚନା କରେ। ତା'ପରେ ପିଲାଙ୍କୁ ପାଠପଢ଼େଇବାରେ ସମୟ ଦିଏ। ମଝିରେ ମଝିରେ ଟିକେ ସମୟ ମିଳିଲେ ଘରକୁ ଚା ପିଇବାକୁ ଯାଏ। ପୁଣି ସନ୍ଧ୍ୟାରେ ଗାଁ ଲୋକମାନେ ଭାଗବତ ଶୁଣିବାକୁ ମୋ ପାଖକୁ ଆସନ୍ତି। ସତ୍‌ସଙ୍ଗ ଗୋଷ୍ଠୀରେ ଧର୍ମଚର୍ଚ୍ଚା ଚାଲେ। ଗାଁରେ ବିଭିନ୍ନ ବର୍ଗର ଲୋକ ଥିଲେ ବି ଅଧିକାଂଶ କୈବର୍ତ୍ତ। ମୋ ଗାଁ ଲୋକମାନେ ବହୁତ ଭଲ। ସେମାନଙ୍କ ସୁଖଦୁଃଖରେ ସାମିଲ ହୋଇଥାଏ । ପୂର୍ବରୁ ଚାଷବାସ କରି ଚଳୁଥିଲି, ଏବେ ପିଲାମାନେ ଚାଷ ଓ ବେପାର କରି ଘର ଚଳାଉଛନ୍ତି। ସବୁ ଠିକ୍‌ଠାକ୍ ଚାଲିଛି। ସ୍ତ୍ରୀ ରୁକ୍ମଣୀ ଆରପାରିରେ। ଘରେ ଦୁଇପୁଅଙ୍କ ମଧ୍ୟରେ ବଡ଼ ଗଣେଶ୍ୱର ଓ ସାନ ନିରଞ୍ଜନ ବିବାହିତ, ସେହିପରି ଝିଅ ସତ୍ୟଭାମା ଓ ଗମନୀର ବିବାହ ସରିଛି। ଆଗ ଅପେକ୍ଷା ଭଲରେ ଟିକେ ଶୁଭା ଯାଉନାହିଁ। ବାର୍ଦ୍ଧକ୍ୟ ହେତୁ ଶରୀର ଟିକେ ଅସୁସ୍ଥ ଅନୁଭବ କରୁଛି। ତଥାପି ପିଲାଙ୍କୁ ନ ପଢ଼େଇଲେ ଭଲ ଲାଗେନା। ପଦ୍ମଶ୍ରୀ ପାଇବା କେବେ ଭାବି ନ ଥିଲି। ସବୁ ଭଗବାନଙ୍କ କୃପା। ସମସ୍ତେ ଭଲରେ ରହିଲେ ଭଲ। ସେତେବେଳେ ଆମେ ପ୍ରଥମେ ଓଡ଼ିଆ ଭାଷା ଶିଖୁଥିଲୁ। ତା'ପରେ ଅନ୍ୟଭାଷା। ସବୁଭାଷା ଶିଖିବା ଦରକାର। ମାତ୍ର ମାତୃଭାଷାର ମମତାକୁ ଯେପରି ନ ପାସୋରିବା। ଏହି ଚାଟଶାଳୀରୁ ପାଠପଢ଼ି ଥିବା ପିଲାମାନେ ବିଭିନ୍ନ କ୍ଷେତ୍ରରେ କାର୍ଯ୍ୟ କରୁଛନ୍ତି । ଗାଁ ପାଇଁ ଭଲକଥା। ତେବେ ଗାଁ ଚାଟଶାଳୀ ନନ୍ଦ ମାଷ୍ଟ୍ରେଙ୍କ ଶିକ୍ଷାଦାନ ସମାଜ ପରିବର୍ତ୍ତନରେ ଭୂମିକା ଅତୁଳନୀୟ।









-ବନବିହାରୀ ବେହେରା

## ଫେରିବା ଦିନ

–ସଂଘମିତ୍ରା ରାଏଗୁରୁ

ପ୍ରତିଥର ଫେରିବା ଦିନ
ଅଟକିଯିବାକୁ ଇଚ୍ଛା ହୁଏ
ସମ୍ପର୍କର ଶ୍ୟାମଳିମାରେ
ଆଉ ଟିକେ
ସବୁଜେଇବାକୁ ଇଚ୍ଛା ହୁଏ।

ଇଚ୍ଛା ହୁଏ
ନିମିଷକେ ଚୋରେଇ ଆଣିବାକୁ
ଗୋଟେ ସ୍ନେହୀଳ ପୃଥିବୀ
ପୂରେଇ ଛାତି ପକେଟ୍‌ରେ
ଉଆଁସୀ ଅନ୍ଧାର ବଦଳରେ
ଆଙ୍କି ଦେବାକୁ ପୂନେଇଁର ଛବି
କାନ୍ଥ ବାଡ଼ ଦୁଆର ମୁହଁରେ।

ସତରେ ହୁଏ କି ?
ଇଚ୍ଛାରେ ପର ଲଗେଇ
ଆକାଶେ ଉଡ଼ିବା ହାତରେ ଥାଏ କି ?

ଫେରିବାକୁ ହୁଏ
ପ୍ରତିଥର ମନ ମାରି
ନିଜ ଇଚ୍ଛାରେ ଫେରିବାକୁ ହୁଏ
ଫେରିବା ହିଁ ଏକାନ୍ତ ସତ୍ୟ
ମୁଁ ବୁଝେନି, ବୁଝି ବି ପାରେନି–କାହିଁକି ?
ଯଦିଓ କେହିଜଣେ ବାଧ କରୁ ହିଁ ନ ଥାଏ।

*ପି–୨୫, ମୋଓ୍ୱାଦୁବେ କଲୋନୀ, ଅରିହନ୍ତ ହସ୍ପିଟାଲ ପାଖ ରାୟପୁର,ଛତିଶଗଡ*
*ମୋ:୭୬୯୩୮୭୩୫୫*

## ପରିଚୟ

–ଡ. ଭବାନୀ ଶଙ୍କର ଦାଶ

ରାତିକୁ ମାଗିଲି
ନିଦର ଠିକଣା
ନିଦକୁ ସପନ କଥା,
ଶୀତକୁ ମାଗିଲି
ସ୍ମୃତିର କମ୍ବଳ
ଛାତିକୁ ଗୋପନ ବ୍ୟଥା।
କାଲିଙ୍କୁ ମାଗିଲି
ଯେମିତି ମୁଁ ଥିଲି
ଆଜିକି ମୋ ପରିଚୟ,
ଆସନ୍ତାକାଲି ବି
ଶେଯ ସଜାଇବି
ଶେଯ ହେବ ତୁମ ମୟ।
କୁହା ଅକୁହାର କଦମ୍ବ ମୂଳରେ
ଯନ୍ତ୍ରଣାର ବେଣୁ ବାଜେ
ହସର ଯମୁନା ଶୁଖିଲା ବାଲିରେ
ଲୁହର ଦେବତା ସାଜେ।

*– ସରାଟ ଶାସନ, ବାଲିପାଟଣା, ଖୋର୍ଦ୍ଧା*
*ମୋ: ୮୯୧୭୬୨୪୩୮୬*

## ତୁମ ଭାବନାରେ

–ଗାୟତ୍ରୀ ଦାସ

ତୁମକୁ ଭାବିଲେ ମନେ ପଡ଼ିଯାଏ
ଚୋରା ଚଇତାଳି ଛୁଆଁ
ରୁଗ୍‌ରୁଗ୍ କରି ପୁଣି ଜଳିଉଠେ ପୁଣି
ଜହ୍ନ ଦେହ କ୍ଷତ ନିଆଁ।

ତୁମକୁ ଭାବିଲେ ମନେପଡ଼ିଯାଏ
ଯୋଡ଼ି ରାଜହଂସ କେଳି
ଆଣିଣ ଧାନର ନହକା ଶିସାରେ
ଶାଗୁଆ ଝିଣ୍ଟିକା ମେଳି।

ତୁମକୁ ଭାବିଲେ ମନେପଡ଼ିଯାଏ
ଜହ୍ନିଫୁଲ ବିଞ୍ଚା ସଞ୍ଜ
ଶରତ ସକାଳେ ଶେଫାଳି ପରାଏ
ଝଡ଼ି ପଡ଼ିଥିବା ଲାଜ।

ତୁମକୁ ଭାବିଲେ ମନେପଡ଼ିଯାଏ
ହଳଦୀ ଫୁଲର ରଙ୍ଗ
ଯେଉଁ ରଙ୍ଗ ମାଖି ନିତି ନଦୀ ଧାରେ
ସଜାଉ ଥିଲି ମୋ ଅଙ୍ଗ।

ତୁମକୁ ଭାବିଲେ ମନେପଡ଼ିଯାଏ
ଦୂବରେ କାକର ଟୋପା
ସଜ ଗୋଲାପର କଅଁଳ କଣ୍ଟାରେ
ଅଟକିଛି ଛାତି କିବା....।

*–ପଫୁଲାର କ୍ଷିଲ,*
*ଦୁର୍ଗାବିହାର,ଅନୁଗୋଳ*
*ମୋ:୮୨୪୯୫୮୬୪୪୩*



## ଶିକ୍ଷକଙ୍କ ମୁଣି


–ସୁପ୍ରିୟା ପଣ୍ଡା

କଲିଂବେଲର ଶବ୍ଦରେ ବାପାଙ୍କର ନିଦ ଭାଙ୍ଗିଗଲା।କବାଟ ଖୋଲିଲା ବେଳକୁ ପୁଅ ଆଉ ବୋହୂ।

ବାପା ପଚାରିଲେ, କ'ଣ କିରେ ଆଜି ଚାବି ନେଇନଥିଲ କି ? ହାତରେ ଥିବା ଦୁଇଟି ବଡ଼ ବ୍ୟାଗ ତଳେ ରଖୁ ରଖୁ ବୋହୂ କହିଲା ବାପା ଆଜି ପରା ଟିଚର୍ସ ଡେ ! ଆପଣଙ୍କ ପୁଅ ବ୍ୟାଗଟା ବି ଦେଖନ୍ତୁ । ବାପା ବୁଝିଗଲେ। ପୁଅ ସହରର ସବୁଠାରୁ ବଡ଼ ଇଂଜିନିୟରିଂ କଲେଜରେ ପ୍ରଫେସର। ଆଉ ବୋହୂ ସରକାରୀ କଲେଜରେ ଅଧ୍ୟାପିକା। ବାପା ଟିକେ ହସିଲେ। ବ୍ୟାଗ ଦୁଇଟା ଦେଖି ତାଙ୍କ ଛାତ୍ର ଜୀବନର ଗୋଟିଏ ଘଟଣା ମନେ ପଡ଼ିଗଲା।ସେ ପଢୁଥିବା ବିଦ୍ୟାଳୟରେ ଯେଉଁ ପ୍ରଧାନ ଶିକ୍ଷକ ଥିଲେ, ସେ ପାଖ ସହରରୁ ସାଇକେଲରେ ଆସୁଥିଲେ। ତାଙ୍କ ସାଇକେଲ ଆଗରେ ସବୁଦିନେ ଗୋଟେ ମୁଣି ଝୁଲୁଥାଏ। ମୁଣି ନୁହେଁ ତ ଯେମିତି ଗୋଟେ କୁହୁକ ପେଡ଼ିଟେ ।ସେଭିତରୁ କେତେ କଣ ବାହାରେ । କାହାର ଔଷଧ, କାହା ପାଇଁ ଫଳ, କାହା ପାଇଁ ଲୁଗା ଆହୁରି କେତେ କଣ । ପୁଣି ପିଲା ମାନଙ୍କ ପାଇଁ ଖାତା କଲମ, ଚକ, ଆଉ ବେଳେ ବେଳେ ଖଟା ମିଠା ଛୋଟ ଛୋଟ ଗୋଲ ଚକଲେଟ। ଗାଁକୁ କେବଳ ଜଣେ ମାତ୍ର ବ୍ୟକ୍ତି ସବୁଦିନ ସହରରୁ ଆସୁଥିବାରୁ ଗାଁଯାକ ଲୋକଙ୍କର ସବୁ ଜିନିଷ ପ୍ରଧାନ ଶିକ୍ଷକ ନେଇ ଆସନ୍ତି। ଯେଉଁ ପିଲାଙ୍କର ବହି, ଖାତା କଲମ ଦରକାର ହୁଏ ତାହା କେହି ନ କହିଲେ ବି ଆଣନ୍ତି। ଆଣିଥିବା ଜିନିଷ ପାଇଁ ସବୁଲୋକ ପଇସା ବି ଦେଇ ପାରନ୍ତି ନାହିଁ। ସେ ହିସାବ ବି ପ୍ରଧାନ ଶିକ୍ଷକ ରଖନ୍ତି ନାହିଁ । ଲୋକଙ୍କ ପାଇଁ ଆଣିବାରେ ଓ ବାଣ୍ଟିବାରେ ତାଙ୍କର ଆନନ୍ଦ ଥାଏ।

ପୁଅର ଡାକରେ ବାପା ତାଙ୍କ ସ୍ମୃତିରୁ ଫେରି ଆସିଲେ। ପୁଅ କହୁଥାଏ, ଏ ଭିତରୁ କିଛି ରଖିବା ଆଉ କିଛି ଅନ୍ୟମାନଙ୍କୁ ସେମାନଙ୍କ ଜନ୍ମଦିନ କି ବାହାଘରରେ ଉପହାର ଦେଇଦେବା। ବୋହୂ ଆହୁରି କହୁଥାଏ ଆଜି ସନ୍ଧ୍ୟାରେ ଝିଅର ଟ୍ୟୁସନ ସାର ଆସିଲେ ଏଥିରୁ କ'ଣ ଗୋଟେ ଦେଇଦେବା। ସେମାନେ କେତେ ଖୁସିରେ ସେସବୁ ଦେଖୁଥାନ୍ତି। ଆଉ ବାପା ତାଙ୍କ ଶିକ୍ଷକଙ୍କ ମୁଣି କଥା ଭାବୁଥାନ୍ତି। ଶିକ୍ଷକ ମାନଙ୍କ ମୁଣି କଣ ସବୁ ବେଳେ ସମାନ ନ ଥାଏ କି ?

*–ରସୁଲଗଡ଼ , ଭୁବନେଶ୍ୱର,*
*ମୋ:୮୮୯୫୫୬୦୫୫୦*



# ଅକ୍ଷୟଙ୍କ ସଜବାଜ

ଭୂମିକାଟି ଯେପରି ହେଉ ନା କାହିଁକି ତାହାକୁ ନେଇ ଖିଲାଡି ମାଷ୍ଟର ଅକ୍ଷୟ କୁମାର କେତେ ସଚେତନ ତାହା କହିବା ଅନାବଶ୍ୟକ। ଶୁଟିଂ ସେଟ୍‌ରେ ଠିକ୍ ସମୟରେ ପହଞ୍ଚିବା ସହ ଅଯଥା କଟ୍‌ଠାରୁ ନିଜକୁ ଦୂରେଇ ରଖିଥାଆନ୍ତି ସେ। ଏବେ ଗୋଟିଏ ସିନେମାର ଦ୍ୱିତୀୟ ପର୍ଯ୍ୟାୟ ଶୁଟିଂ ପାଇଁ ସେ ପୂରାଦମ୍‌ରେ ସଜବାଜ ହେଉଛନ୍ତି। ଫିଲ୍ମଟି ହେଲା 'ରକ୍ଷା ବନ୍ଧନ'। ଏଥିରେ ନିଜ ଭୂମିକାର ସଫଳତାକୁ ନେଇ ଏବେ ଠାରୁ ଆଶାବାଦୀ ଅଛନ୍ତି ଅକ୍ଷୟ। ଏ ସମ୍ପର୍କରେ ସେ କହନ୍ତି, 'ଏହି ଫିଲ୍ମର କାହାଣୀ ମୁଁ ଯେତେବେଳେ ଶୁଣିଲି ସେତେବେଳେ ତାହା ମୋତେ ପ୍ରଭାବିତ କରିଥିଲା। ଭାଇ-ଭଉଣୀ ସମ୍ପର୍କକୁ ଏଥିରେ ସୁନ୍ଦର ଭାବରେ ଉପସ୍ଥାପନ କରାଯାଇଛି। ଏହି ଫିଲ୍ମର ଦ୍ୱିତୀୟ ଭାଗ ଶୁଟିଂ ଚଳିତ ମାସ ଦ୍ୱିତୀୟ ସପ୍ତାହ ଶେଷ ଭାଗକୁ ଆରମ୍ଭ ହେବ।' ଏଥିରେ ଅକ୍ଷୟଙ୍କ ନାୟିକା ସାଜିଛନ୍ତି ଭୂମି ପେଦନେକର। ଫିଲ୍ମଟିର ନିର୍ଦ୍ଦେଶନା ଦେଉଛନ୍ତି ଆନନ୍ଦ ଏଲ. ରାଇ।



ଅକ୍ଷୟ କୁମାର




# ଆକ୍ସନ ପାଇଁ ଟେନସନ୍

ସୈଫ ତନୟା ସାରା ଅଲ୍ଲୀ ଖାଁଙ୍କ ଟେନସନ ବଢ଼ିଯାଇଛି। କାରଣ କ'ଣ ଜାଣନ୍ତି ? ଆକ୍ସନ ପାଇଁ। କଥା କ'ଣ କି ସାରା ନିକଟରେ ଏକ ଫିଲ୍ମ ସାଇନ୍ କରିଛନ୍ତି। ଏଥିରେ ତାଙ୍କୁ କେତୋଟି ଆକ୍ସନ ଶଟ୍ ଦେବାକୁ ପଡିବ। ଏକଥା ଜାଣିବା ପରେ ସେ ଏହି ଦାୟିତ୍ୱକୁ କିପରି ତୁଲାଇବେ ଚିନ୍ତା କରୁଛନ୍ତି। ହେଲେ ତାଙ୍କର ଏଭଳି ଟେନସନକୁ ଆଶିଂକ ଦୂର କରିଛନ୍ତି ଏହାର ନିର୍ଦ୍ଦେଶକ ପଵନ କ୍ରିପଲାନି। ଏବେ ସାରା ଜଣେ ଆକ୍ସନ ଟ୍ରେନରଙ୍କ ନିକଟରୁ ଟ୍ରେନିଂ ନେଉଛନ୍ତି। ଏହି ଫିଲ୍ମର ଟାଇଟଲ ରହିଛି 'ଗ୍ୟାସଲାଇଟ୍'। ଏହାର ପ୍ରାରମ୍ଭିକ କାମ ଶେଷ ହୋଇଛି ଏବଂ ଖୁବ୍ ଶୀଘ୍ର ଏହାର ଶୁଟିଂ ଆରମ୍ଭ ହେବ ବୋଲି କହିଛନ୍ତି ସାରା। ଏଥିରେ ତାଙ୍କ ସହ ନାୟକ ଭୂମିକାରେ ଅବତୀର୍ଣ୍ଣ ହେଉଛନ୍ତି ବିକ୍ରାନ୍ତ ମେସି। ଟିପ୍ସ ଫିଲ୍ମସ ବ୍ୟାନରରେ ଏହାର ପ୍ରଯୋଜନା କରୁଛନ୍ତି ରମେଶ ତୌରାନି। ତେବେ ଏଥିରେ ନିଜ ଆକ୍ସନ ଭୂମିକାରେ ସାରା ଦର୍ଶକଙ୍କୁ କେତେ ପ୍ରଭାବିତ କରିପାରୁଛନ୍ତି ତାହା ଫିଲ୍ମଟି ରିଲିଜ ହେଲେ ହିଁ ଜଣାପଡିବ।



ତମନ୍ନା-ଅମ୍ଳାନ



ରବିନା

# ଏଥର ଖଳନାୟିକା

ଦିନ ଥିଲା ରବିନା ଟଣ୍ଡନ ନିଜ ଅଭିନୟ ଦ୍ୱାରା ପ୍ରଶଂସକଙ୍କୁ ବେଶ୍ ପ୍ରଭାବିତ କରିଥିଲେ। ଏବେ ସେ ପୁଣି ଥରେ କ୍ୟାମେରା ସାମନା କରିବାକୁ ଯାଉଛନ୍ତି। ହେଲେ ଏଥର ସେ ଖଳନାୟିକା ଭାବରେ ଦର୍ଶକଙ୍କ ସାମନାକୁ ଆସିବେ। ମନୀଷ ଗୁପ୍ତାଙ୍କ ଅନଟାଇଟଲ ଫିଲ୍ମରେ ତାଙ୍କୁ ଏଭଳି ଭୂମିକା ମିଳିଛି। ତା' ସହ ସେ 'କେଜିଏଫ ଚାପ୍ଟର ୨'ରେ ମଧ୍ୟ ଅଭିନୟ କରିଛନ୍ତି। ଏ ବିଷୟରେ ରବିନା କହନ୍ତି, 'ମନୀଷଙ୍କ ଆଗାମୀ ଫିଲ୍ମରେ ମୁଁ ନେଗେଟିଭ ଭୂମିକାରେ ଅଭିନୟ କରୁଛି। ଯେତେବେଳେ ଏହାର ନିର୍ଦ୍ଦେଶକ ମୋତେ ମୋ ଭୂମିକା ବିଷୟରେ ସୂଚନା ଦେଲେ ତାହାକୁ ତୁଲାଇ ପାରିବି ବୋଲି ମୋର ହୃଦୟଙ୍ଗମ ହୋଇଥିଲା। ଅନ୍ୟପକ୍ଷରେ 'କେଜିଏଫ ଚାପ୍ଟର ୨'ରେ ମଧ୍ୟ ମୁଁ ଆକ୍ଟିଂ କରିଛି। ଏହି ଫିଲ୍ମରେ ଅଭିନୟ କରିଥିବା ସମସ୍ତ କଳାକାର ନିଜ ରୋଲ୍ ପାଇଁ ବେଶ୍ ପରିଶ୍ରମ କରିଛନ୍ତି। ଆଶା ରଖିଛି ଦର୍ଶକ ଏହି ଚଳଚ୍ଚିତ୍ରଟିକୁ ପସନ୍ଦ କରିବେ।' ଏହି ପରିୟଡିକାଲ ଡ୍ରାମାରେ ଯଶ, ସଞ୍ଜୟ ଦତ୍ତ, ପ୍ରକାଶ ରାଜ ପ୍ରମୁଖ କଳାକାର ଅଭିନୟ କରିଛନ୍ତି। ପ୍ରାୟ ୧୦୦କୋଟି ବଜେଟରେ ପ୍ରସ୍ତୁତ ଏହି ଫିଲ୍ମ ଆସନ୍ତା ବର୍ଷ ଏପ୍ରିଲ ୧୪ରେ ରିଲିଜ ହେବାର ଯୋଜନା ରହିଛି।

# ଇମୋଶନାଲ ଦୀପିକା

କେମିତି ଚର୍ଚ୍ଚାରେ ରହିବାକୁ ହୁଏ ତାହାର କାଇଦା ଦୀପିକା ପାଦୁକୋନ୍‌ଙ୍କୁ ଭଲ ଭାବରେ ଜଣା। ଦେଖୁନାହାନ୍ତି, ନିଜ ଆଗାମୀ ସିନେମା ବିଷୟରେ କହୁ କହୁ ସେ କେମିତି ଇମୋଶନାଲ ହୋଇପଡିଲେ। କଥା କ'ଣ କି ଦୀପିକା ଏବେ ସ୍ପେନ୍‌ରେ ଡେରା ପକାଇଛନ୍ତି। କାରଣ ସେଠାରେ ଶାହରୁଖ ଅଭିନୟ କରୁଥିବା ନିର୍ମାଣାଧୀନ ସିନେମା 'ପଠାନ୍'ର ଶୁଟିଂ ଚାଲୁ ରହିଛି। ସେଠାରେ କେତୋଟି ସିକୁଏନ୍ସ ପାଇଁ ଶଟ୍ ନିଆଯିବ ତା' ସହ ଏକ ଗୀତର ଶୁଟିଂ ମଧ୍ୟ ହେବ। ଆଉ ଏଥିରେ ଶାହରୁଖଙ୍କ ସହ ସ୍କ୍ରିନ୍ ସେୟାର କରୁଛନ୍ତି ଦୀପିକା। ଯେହେତୁ ଦୁହେଁ ଅଭିନୟ କରିଥିବା 'ଚେନ୍ନାଇ ଏକ୍ସପ୍ରେସ' ହିଟ୍ ହୋଇଥିଲା, ତେଣୁ ଏଥର ମଧ୍ୟ 'ପଠାନ୍' ବକ୍ସ ଅଫିସରେ ଭଲ କଲେକ୍ସନ କରିବ ବୋଲି ଆଶା ରଖିଛନ୍ତି ଦୀପିକା। ଆଉ ଏକଥା କହୁ କହୁ ସେ ଏମିତି ଭାବବିହ୍ୱଳ ହୋଇପଡିଥିଲେ ଯେ ତାଙ୍କର ଆଖି ଛଳଛଳ ହୋଇଯାଇଥିଲା। ଏ ନେଇ ଦୀପିକା କହନ୍ତି, 'ମୋର ମନ ପସନ୍ଦର ଅଭିନେତା ହେଲେ ଶାହରୁଖ। ଏବେ ତାଙ୍କ ସହ ପୁଣି ଥରେ ଆକ୍ଟିଂ କରିବାର ସୁଯୋଗ ମିଳିଛି। ଏହି ଫିଲ୍ମଟି ମଧ୍ୟ ହିଟ୍ ହେବ ବୋଲି ଆଶା ରଖିଛି।' ଆଦିତ୍ୟ ଚୋପ୍ରାଙ୍କ ପ୍ରଯୋଜିତ 'ପଠାନ୍'ର ନିର୍ଦ୍ଦେଶନା ଦେଉଛନ୍ତି ସିଦ୍ଧାର୍ଥ ଆନନ୍ଦ। ଏଥିରେ ଶାହରୁଖ ଜଣେ 'ର' (ରିସର୍ଚ୍ଚ ଆଣ୍ଡ ଆନାଲିସିସ ବ୍ୟୁରୋ) ଅଫିସର ଭୂମିକାରେ ଅଭିନୟ କରୁଛନ୍ତି। ଫିଲ୍ମଟି ଆସନ୍ତା ବର୍ଷ ରିଲିଜ ହେବ ବୋଲି ଜଣାପଡିଛି।



ଦୀପିକା



ଦିଶା

# ସମାଜସେବାରେ ମନ

ଦିଶା ପଟାନି ଖୁବ୍ ଶୀଘ୍ର ଏକ ନୂଆ ଯୋଜନା ଆରମ୍ଭ କରିବାକୁ ଯାଉଛନ୍ତି। ଏ ନେଇ ସେ ନିଜକୁ ମାନସିକ ସ୍ତରରେ ପ୍ରସ୍ତୁତ କରିସାରିଲେଣି। ଅର୍ଥାତ୍, ଏବେ ତାଙ୍କୁ ଆକ୍ଟିଂ ବ୍ୟତୀତ ଆଉ ଏକ ବିଷୟ ପ୍ରତି ଧ୍ୟାନ ଦେବାକୁ ପଡିବ। ତାହା କ'ଣ ଜାଣନ୍ତି ? ସମାଜସେବା। କଥା କ'ଣ କି କୋଭିଡ୍ ସମୟରେ ଲୋକମାନଙ୍କର ଅବସ୍ଥା ଦେଖି ସେ ଏଥିପାଇଁ ପାଦ ବଢ଼ାଇଛନ୍ତି। ଏ ସମ୍ପର୍କରେ ଦିଶା କହନ୍ତି, 'ଲୋକମାନଙ୍କ ପାଖରେ ପହଞ୍ଚିବା ପାଇଁ କେବଳ ଆକ୍ଟିଂ ନୁହେଁ, ସମାଜସେବା ମଧ୍ୟ ଆଉ ଏକ ଉତ୍ତମ ମାଧ୍ୟମ। ଲୋକମାନଙ୍କର ସେବାର ଅନୁଭୂତି ନିଆରା। ତେଣୁ ଏ ଦିଗରେ ମୁଁ ମନ ବଳାଇଛି। ଏଥିପାଇଁ ଖୁବ୍ ଶିଘ୍ର ଏକ ସଂସ୍ଥା ଗଠନ କରିବାକୁ ଯାଉଛି। ଏ ନେଇ ଯେତେବେଳେ ମୁଁ ଟାଇଗର (ଶ୍ରଫ୍)ଙ୍କୁ କହିଲି, ସେ ମୋ ଆଇଡିଆକୁ ପ୍ରଶଂସା କରିବା ସହ ସହଯୋଗର ହାତ ମଧ୍ୟ ବଢ଼ାଇଛନ୍ତି।' ଦିଶା ଏବେ 'ଏକ ଭିଲେନ୍ ରିଟର୍ନ୍ସ'ରେ ଅଭିନୟ କରୁଛନ୍ତି। ତେବେ ସମାଜସେବାରେ ଦିଶାଙ୍କୁ କେତେ ମାଇଲେଜ ମିଳୁଛି ତାହା ଦେଖିବାକୁ ବାକି ରହିଲା।

# ପ୍ରବାସୀ ଶ୍ରମିକର ମନ କଥା

ଗତ ପ୍ରାୟ ଦୁଇ ବର୍ଷ ଧରି ସମଗ୍ର ବିଶ୍ୱକୁ କରୋନା କବଳିତ କରି ରଖିଛି। ଏହାର ପ୍ରଭାବ ଜନଜୀବନ ଉପରେ ପଡିଛି। ଏହି ସମୟରେ ବାହାର ରାଜ୍ୟକୁ କାମ ସନ୍ଧାନରେ ଯାଇ ସେଠାରେ ଦି' ପଇସା ରୋଜଗାର କରି ପେଟ ପୋଷୁଥିବା ପ୍ରବାସୀ ଶ୍ରମିକର ଜୀବନ ମଧ୍ୟ ପ୍ରଭାବିତ ହୋଇଥିଲା। ଚାକିରି ହରାଇବା ପରେ ଜଣେ ପ୍ରବାସୀ ଶ୍ରମିକ କିପରି ସାହସର ସହ ସମସ୍ୟାଗୁଡିକୁ ସାମନା କରୁଛି ଏବଂ ତାହାର ସ୍ୱପ୍ନକୁ ସାକାର କରୁଛି ତାହାକୁ ଆଧାର କରି ନିର୍ମିତ ହୋଇଛି ଏକ ଓଡ଼ିଆ ଚଳଚ୍ଚିତ୍ର। ଏହାର ଟାଇଟଲ ରହିଛି 'ଲଗାମ୍'। ଏପରି ଏକ ସାମ୍ପ୍ରତିକ କାହାଣୀକୁ ନେଇ ଚିତ୍ରଟିକୁ ନିର୍ମାଣ କରିଛନ୍ତି ନବାଗତ ରଞ୍ଜିତ କୁମାର ସାହୁ। କେବଳ ସେତିକି ନୁହେଁ, ଏହାର ଚିତ୍ରନାଟ୍ୟ ଏବଂ ସଂଳାପ ମଧ୍ୟ ରଚନା କରିଛନ୍ତି ସେ। ଅନ୍ୟପକ୍ଷରେ ଏହାର କାହାଣୀରେ ସସପେନ୍ସ, ଡ୍ରାମା, ଲଭଷ୍ଟୋରୀ, କମେଡି ରହିଛି ବୋଲି କହନ୍ତି ଉକ୍ତ ଚିତ୍ରର ନିର୍ଦ୍ଦେଶକ ପିନୁ ନାୟକ। ଏଥିରେ ପ୍ରବାସୀ ଶ୍ରମିକ ଭୂମିକାରେ ଅଭିନୟ କରୁଛନ୍ତି ଅମ୍ଳାନ କୁମାର। ତାଙ୍କ ସହ ସ୍କ୍ରିନ୍ ସେୟାର କରିଛନ୍ତି ତମନ୍ନା। ଏମାନଙ୍କ ବ୍ୟତୀତ ପ୍ରଦ୍ୟୁମ୍ନ ଲେଙ୍କା, ଉମାକାନ୍ତ ମୁଦୁଲି, ପୃଥ୍ୱୀରାଜ ଆଚାର୍ଯ୍ୟ, କମଲ, ଲୀନା, ଭାବନା, ନିଖିଲେଶ ଘୋଷ ଆଦି କଳାକାରଙ୍କୁ ଏଥିରେ ଦେଖିବାକୁ ମିଳିବ। ଶୁଟିଂ ଶେଷ ହୋଇଥିବା ଉକ୍ତ ସିନେମାରେ ସଂଯୋଜିତ ଗୀତଗୁଡିକୁ ସ୍ୱର ଦେଇଛନ୍ତି ଅଭିଜିତ ମଜୁମଦାର।

# ଅଜଣା ସାଥୀ ଚୋରା ପୀରତି, ଭାବନାରେ ବିତି ଯାଉଛି ରାତି

**ପ୍ରଶ୍ନ**–ସେ ମୋ ସପନର ନାୟିକା। ତାକୁ ଭାବି ଭାବି ମୋର ଦିନ ରାତି ବିତି ଯାଉଛି। ତା' ଆସିବା ବାଟକୁ ଚାହିଁ ବସିଛି। ମୋର ଏହି ଆଶା ପୂରଣ ହେବ ତ ?

*–ସ୍ୱରାଜ କୁମାର, ରାଉରକେଲା*

**ଉତ୍ତର :** ଆପଣଙ୍କ ପ୍ରଶ୍ନରୁ ଯାହା ଅନୁମାନ ହେଉଛି, ଆପଣ ଏବେ ସପନ ରାଇଜରେ ଘୁରି ବୁଲୁଛନ୍ତି। ଏହି ସମୟରେ ମନରେ ରଙ୍ଗୀନ ଆଶା ନିଜର କାୟା ବିସ୍ତାର କରିଥାଆନ୍ତି। ଜଣେ ପରେ ଜଣେ ରୂପସୀ ମନ ରାଇଜକୁ ଆସନ୍ତି। ସେମାନଙ୍କୁ ପ୍ରେମ କରୁଛି ଭାବି ମନ କ୍ଷଣିକ ପାଇଁ ପୁଲକିତ ହୋଇଉଠେ। ହେଲେ ସେହି ପ୍ରେମ ମାଗି ଆଣିଲା ତିଅଣ ସୋଡକାଏ ପରି। 'ଅଜଣା ସାଥୀ ଚୋରା ପୀରତି, ଭାବନାରେ ବିତି ଯାଉଛି ରାତି।' ତେଣୁ ବାସ୍ତବତାକୁ ଆସନ୍ତୁ। ମନଲାଖି ପ୍ରେମିକାଟିଏ ଖୋଜନ୍ତୁ। ଯଦି ସକ୍‌ସେସ ହୋଇଗଲେ ତେବେ ତାକୁ ଏମିତି ପ୍ରେମ ଫାସରେ ବାନ୍ଧି ଦିଅନ୍ତୁ ଯେ, ଯେମିତି ଯେ ଆପଣଙ୍କ ପାଖରେ ଛାଇ ହୋଇ ଘୁରି ବୁଲୁଥିବ।

**ପ୍ରଶ୍ନ**–ପ୍ରେମ କଲେ ଧୋକା ମିଳେ ବୋଲି ମୋର ଜଣେ ସାଙ୍ଗ କହିଲା। ଏକଥା ଶୁଣିବା ପରେ ମୋର ଆଉ ପ୍ରେମ କରିବାକୁ ମନ ହେଉନି। କ'ଣ କରିବି ?

*–ତପନ ସାହୁ, ନୀଳଗିରି*

**ଉତ୍ତର :** ଆପଣ ପର ବୁଦ୍ଧିରେ ଘୋଡା ଚଢ଼ିବାକୁ ଚାହୁଁଛନ୍ତି କି ? ଯଦି ହଁ, ତେବେ ତାହାର ପରିଣାମ କ'ଣ ହେବ ବଳେ ଜାଣିପାରିବେ। ପ୍ରେମ କରିବାକୁ ମନ କରିଛନ୍ତି। ଏ ନେଇ ଯେଉଁ ସାଙ୍ଗ ଆପଣଙ୍କୁ ଉପଦେଶ ଦେଇଛନ୍ତି ସେ ମହାଶୟ ବୋଧହୁଏ ଭୁଲ ତରିକାରେ ପ୍ରେମ କରି ପ୍ରତାରିତ ହୋଇଛନ୍ତି। ପ୍ରେମ କରିବା ପୂର୍ବରୁ ନିଜ ଉପରେ, ନିଜ ପ୍ରେମ ଏବଂ ପ୍ରେମିକା ଉପରେ ଶତ ପ୍ରତିଶତ ଭରସା ରଖନ୍ତୁ। କାରଣ ଅସଲି ଭରସାର ଫାଉଣ୍ଡେସନ ଉପରେ ଯେଉଁ ପ୍ରେମ ଗଢ଼ିଉଠେ ତାହା ଦୀର୍ଘସ୍ଥାୟୀ ହୋଇଥାଏ। ଯଦି ପ୍ରେମ କରିବା ସମୟରେ ତାକୁ ନେଇ ମନରେ ନେଗେଟିଭ ଚିନ୍ତାଧାରା ବାରମ୍ବାର ଆସିଲା ତେବେ ଆପଣଙ୍କ ପାଦ ଆଗକୁ ଯିବା ପରିବର୍ତ୍ତେ ପଛକୁ ପଡିବ। ତେଣୁ ପ୍ରେମ କରିବା ପୂର୍ବରୁ ଆପଣ କେମିତି ସଜବାଜ ହେବେ ସେ ନେଇ ନିଜେ ନିଷ୍ପତ୍ତି ନେଲେ ଭଲ।

**ପ୍ରଶ୍ନ**–ସୁନ୍ଦରୀ ଝିଅଙ୍କର ହୃଦୟ ନାହିଁ। ଏକଥା କ'ଣ ସତ ?

*–ପ୍ରଦୀପ ମଲ୍ଲ, ଖୋର୍ଦ୍ଧା*

**ଉତ୍ତର :** ଝିଅଟି ସୁନ୍ଦରୀ ହେଉ ଅବା ଅସୁନ୍ଦରୀ ସେଥିରେ କିଛି ଫରକ ନ ଥାଏ। ଯଦି ମନରେ ମନ ମିଶିଗଲା ତେବେ ପ୍ରେମର ଆରମ୍ଭ ହୁଏ। ସୁନ୍ଦରୀ ଝିଅଟିଏ ଯଦି ଆପଣଙ୍କୁ ପ୍ରେମ କରୁଛି ଆଉ ଆପଣଙ୍କର ଲଭ୍ ଜର୍ନି ସୁରୁଖୁରୁରେ ଆଗକୁ ମାଡିଚାଲିଛି ତେବେ ତା' ହୃଦୟକୁ ନେଇ ତର୍ଜମା କରିବା ଅନାବଶ୍ୟକ। ତେଣୁ ଯଦି ସୁଯୋଗ ମିଳିଛି ତାହାର ସଦୁପଯୋଗ କରି ପ୍ରେମିକାକୁ ନିଜ ପାଖରେ ରଖିବାକୁ ଚେଷ୍ଟା କରନ୍ତୁ। ତାକୁ ନେଇ ଯଦି ମନରେ ସନ୍ଦେହ ଉଙ୍କି ମାରିଲା ତେବେ ସେପରି ପ୍ରେମ ସ୍ୱାଦହୀନ ଏବଂ ରଙ୍ଗହୀନ ହୋଇଯାଇଥାଏ।

**ପ୍ରଶ୍ନ**–ଜଣେ ଝିଅ ମୋତେ ଦେଖି ହସୁଛି। ତାକୁ ପ୍ରେମ ନିବେଦନ କରିବା ଠିକ୍ ହେବ କି ?

*–ସୁକାନ୍ତ ରାଉତ, ଯାଜପୁର*

**ଉତ୍ତର :** ସବୁ ହସରେ ପ୍ରେମ ନ ଥାଏ। ଯଦି କୌଣସି ହସକୁ ତର୍ଜମା କରି ଆପଣଙ୍କର ହୃଦୟଙ୍ଗମ ହେଉଛି ଯେ ସେହି ହସରେ ପ୍ରେମର ପହିଲି ପୁଲକ ରହିଛି ତେବେ ବିଳମ୍ବ କରୁଛନ୍ତି କିଆଁ ? ସୁବିଧା ସୁଯୋଗ ଦେଖି ବହି ଫିଟ୍ କରିଦିଅନ୍ତୁ। ହେଲେ ଝିଅଙ୍କର ସବୁ ହସକୁ ପ୍ରେମ ବୋଲି ଭାବି ଆଗଇଲେ ଏମିତି ବି ହୋଇପାରେ ଯେ ଆପଣ ଏକ ମରିଚିକା ପଛରେ ଗୋଡାଉଛନ୍ତି।




ପ୍ରଥମ ରୋଜଗାର



କଣ୍ଠଶିଳ୍ପୀ **ସଞ୍ଜିତା ମିଶ୍ର** ନିଜ ପ୍ରଥମ ରୋଜଗାର ସମ୍ପର୍କରେ ଯାହା କୁହନ୍ତି...

# ରୋଜଗାର ଟଙ୍କା ଅନାଥାଶ୍ରମକୁ ଦେଇଥିଲି

ଭୁବନେଶ୍ୱରସ୍ଥ ଲକ୍ଷ୍ମୀସାଗରରେ ମୋ ଜନ୍ମ। ହରିହର ଉଚ୍ଚବିଦ୍ୟାଳୟରୁ ମାଟ୍ରିକ୍ ପାସ୍ କରିବା ପରେ ବିଜେବି କଲେଜରେ ଯୁକ୍ତ ଦୁଇ ପଢିଥିଲି। ସେତେବେଳେ ମୋ ବାପା ଡ. ବିଜୟ କୁମାର ମିଶ୍ର ବିଜେବି କଲେଜର ପ୍ରିନ୍ସିପାଲ୍ ଥାନ୍ତି। ହେଲେ ଚାକିରି କ୍ଷେତ୍ରରେ ତାଙ୍କର ବଦଳି ହେବା ଯୋଗୁ ଯୁକ୍ତ ତିନି ମୋତେ ସମ୍ବଲପୁରସ୍ଥ ଗଙ୍ଗାଧର ମେହେର କଲେଜରେ ପଢିବାକୁ ପଡିଥିଲା। ତା'ପରେ ମୁଁ ଜ୍ୟୋତି ବିହାର ୟୁନିଭର୍ସିଟିରେ ବି.ଇଡି କଲି। ଆଉ ତା'ପରେ ସ୍ଥାନୀୟ ଏକ ବେସରକାରୀ ବିଦ୍ୟାଳୟରେ ଶିକ୍ଷୟିତ୍ରୀ ଭାବେ କାମ କରିବାକୁ ଲାଗିଲି। ସେଠାରୁ ମୋତେ ଯେଉଁ ଦରମା ମିଳିଲା, ସେଥିରୁ କିଛି ନେଇ ସ୍ଥାନୀୟ ଏକ ଅନାଥାଶ୍ରମରେ ଦାନ କରିଥିଲି। ଆଉ ବାକି ଟଙ୍କାରେ ବାପା, ମା', ବଡ଼ ଭାଇ ଓ ସାନ ଭଉଣୀ ପାଇଁ ଗିଫ୍ଟ କିଣିକି ଆଣିଥିଲି। ଏମିତି କିଛିଦିନ ଚାଲିବା ପରେ ୧୯୯୭ରେ ମୋର ବାହାଘର ହୋଇଗଲା। ଅବଶ୍ୟ ତା'ରି ଭିତରେ ମୁଁ ନର୍ସରୀ ଟିଚର୍ସ ଟ୍ରେନିଂ କୋର୍ସ ସାରି ଦେଇଥିଲି। ଯେଉଁଥିପାଇଁ ମୋତେ ବାହାଘର ପରେ ରୋଟାରୀ ପବ୍ଲିକ୍ ସ୍କୁଲ୍‌ରେ ଚାକିରି କରିବାର ସୁଯୋଗ ମିଳିଥିଲା। ଶାଶୁଘର ଭୁବନେଶ୍ୱରରେ ହୋଇଥିଲେ ହେଁ, ସ୍ୱାମୀ ମନୋରଞ୍ଜନ ମିଶ୍ର ଯେହେତୁ ଅନୁଗୁଳରେ ଚାକିରି କରୁଥିଲେ ତେଣୁ ମୁଁ ବି ସେହିଠାରେ ରହି ସ୍ଥାନୀୟ ରୋଟାରୀ ପବ୍ଲିକ୍ ସ୍କୁଲ୍‌ରେ ଶିକ୍ଷୟିତ୍ରୀ ଭାବେ କାମ କରିବାକୁ ଲାଗିଲି। ସେଠାରେ ମୋତେ ଯେଉଁ ପ୍ରଥମ ଦରମା ମିଳିଲା, ସେଥିରୁ କିଛି ନେଇ ମୁଁ ମୋ ସ୍ୱାମୀଙ୍କ ପାଇଁ ଗିଫ୍ଟ କିଣିକି ଆଣିଥିଲି। ତା'ସହିତ ମୋର ଯେହେତୁ ସଙ୍ଗୀତରେ ରୁଚି ରହିଥିଲା, ତେଣୁ ବଳକା ଟଙ୍କାରେ ମୁଁ ମୋ ନିଜ ପାଇଁ ବାଦ୍ୟଯନ୍ତ୍ର କିଣିଥିଲି। କିନ୍ତୁ ଏହି ଚାକିରି ବି ବେଶୀ ଦିନ କରିପାରିଲି ନାହିଁ। କାରଣ ଘରର ଜଞ୍ଜାଳ ବଢି ଯାଇଥିଲା। ତେଣୁ ଚାକିରି ଛାଡ଼ି ଘର କଥା ବୁଝିବାକୁ ଲାଗିଲି। ହେଲେ ସ୍ୱାମୀଙ୍କ ପ୍ରେରଣାରେ ସଙ୍ଗୀତ କ୍ଷେତ୍ରରେ ନିଜର ଏକ ସ୍ୱତନ୍ତ୍ର ପରିଚୟ କରିବାକୁ ଚେଷ୍ଟା କଲି। ଏଠାରେ କହି ରଖିବାକୁ ଚାହେଁ ଯେ, ମୁଁ ଯେତେବେଳେ ସ୍କୁଲ୍‌ରେ ପଢୁଥିଲି, ସେତେବେଳେ ମା'ଙ୍କ ପ୍ରେରଣାରେ ଗୀତ ଶିଖିବା ଆରମ୍ଭ କରିଥିଲି। ମଧୁମିତା ଦେ' ହେଲେ ମୋର ପ୍ରଥମ ସଙ୍ଗୀତ ଗୁରୁ। ସମୟକ୍ରମେ ଜ୍ଞାନ ମହାପାତ୍ର, ସଞ୍ଜୟ ଦାସଙ୍କ ଭଳି ଗୁରୁମାନଙ୍କଠାରୁ ବି ଗୀତ ଶିଖିବାର ସୁଯୋଗ ମୁଁ ପାଇଛି। ଏପରିକି ଶାସ୍ତ୍ରୀୟ ସଙ୍ଗୀତରେ ବିଶାରଦ ମଧ୍ୟ କରିଛି। ତା'ସହିତ ଆକାଶବାଣୀର ମୁଁ ହେଉଛି ଜଣେ ସ୍ୱୀକୃତିପ୍ରାପ୍ତ କଣ୍ଠଶିଳ୍ପୀ। ୟା'ଭିତରେ ହରେକୃଷ୍ଣ ନାୟକ, ନିର୍ମଳ ନାୟକ, ଅରୁଣ ମନ୍ତ୍ରୀଙ୍କ ଭଳି କେତେଜଣ ବିଶିଷ୍ଟ ଗୀତିକାରଙ୍କର ଅନେକ ଲୋକପ୍ରିୟ ଗୀତରେ ମଧ୍ୟ ମୁଁ କଣ୍ଠଦାନ କରିସାରିଛି। ମୋ ଦ୍ୱାରା କଣ୍ଠଦାନ କରାଯାଇଥିବା କେତୋଟି ଲୋକପ୍ରିୟ ଭଜନ ମଧ୍ୟରେ ଧନ କୁଞ୍ଜଦୋଳି ଖୋଜୁଛି, ଦେଉଳ ଉପରେ ବସିଛି, ମରା ମରା କହୁ କହୁ ରାମ ହୋଇ ଯିବରେ ଇତ୍ୟାଦି ହେଉଛି ଅନ୍ୟତମ । ସେହିପରି କହନା ଏ ଫୁଲ କହନା(ରିମିକ୍ସ), ମୁଁ ସୁନ୍ଦରୀ ମୋ ମନ ମୟୂରୀ, କାଲି ଯଦି ଯିବି ହଜି ମୋତେ କିଏ ଯିବ ଖୋଜି ଭଳି ଅନେକ ଆଧୁନିକ ଗୀତରେ ବି ମୁଁ କଣ୍ଠଦାନ କରିସାରିଛି। ତା'ସହିତ ୟା'ଭିତରେ ଅନେକ ଷ୍ଟେଜ୍ ପୋଗ୍ରାମ୍‌ରେ ବହୁ ଲୋକପ୍ରିୟ କଣ୍ଠଶିଳ୍ପୀମାନଙ୍କ ସହ ସଙ୍ଗୀତ ପରିବେଷଣ କରି ଶ୍ରୋତାଙ୍କର ପ୍ରଶଂସା ମଧ୍ୟ ସାଉଁଟିପାରିଛି। କେବଳ ଏତିକି ନୁହେଁ, ଅନେକ ଟେଲିଭିଜନ ଚ୍ୟାନେଲ୍‌ରେ ମଧ୍ୟ ମୁଁ ଗୀତ ବୋଲିଛି। ସଙ୍ଗୀତ ବ୍ୟତିତ ଆଙ୍କରିଂ କରିବା, ନାଟକ ଲେଖିବାରେ ବି ମୋର ରୁଚି ରହିଛି। ଏପରିକି ଦୁଇଟି ନାଟକର ସ୍କ୍ରିପ୍ଟ ମଧ୍ୟ ମୁଁ ଲେଖିସାରିଛି। ତେବେ ସେ ଯାହା ହେଉ ସଙ୍ଗୀତ କ୍ଷେତ୍ରରେ ଆଜି ମୁଁ ଯେଉଁ ସ୍ଥାନରେ ପହଞ୍ଚିପାରିଛି, ସେଥିପାଇଁ ଭଗବାନଙ୍କ ଆର୍ଶୀବାଦ ସହ ମା'ଙ୍କର ପ୍ରେରଣା ଓ ମୋ ସ୍ୱାମୀଙ୍କର ସହଯୋଗ ଓ ଭଲପାଇବାକୁ ମୁଁ ସମ୍ପୂର୍ଣ୍ଣ ଶ୍ରେୟ ଦେବି।

*–ଅନ୍ୱିତା*

# ଶିକ୍ଷକଙ୍କ କୃଷି ସଂଗ୍ରହାଳୟ



ସଂଗ୍ରହାଳୟ କେବଳ ଜ୍ଞାନର ଗନ୍ତାଘର କି ପାରମ୍ପରିକ ବିରଳ ସାମଗ୍ରୀର ସାଇତା ସମ୍ପଦ ନୁହେଁ ବରଂ ଏହାଦ୍ୱାରା ବହୁ ଜଣାଅଜଣା କଥା ଜାଣିହୁଏ। ଗବେଷଣା ପାଇଁ ସୂତ୍ର ମିଳେ। ଏମିତିରେ ଗାଁଗଣ୍ଡାରୁ ହଜିଯାଉଥିବା ବହୁ ବିରଳ ତଥା ପୁରାତନ ବ୍ୟବହୃତ ସାମଗ୍ରୀକୁ ଗୋଟିଏ ସ୍ଥାନରେ ଦେଖିବାର ଓ ମନେପକାଇବାର ସୁଯୋଗ ସୃଷ୍ଟି କରିଥାଏ। ତେବେ ଦେଶ ଓ ରାଜ୍ୟର ବିଭିନ୍ନ ସ୍ଥାନରେ ରହିଛି ଏକାଧିକ ସରକାରୀ ଓ ବେସରକାରୀ ନାନାପ୍ରକାରର ସଂଗ୍ରହାଳୟ । ହେଲେ ଇଏ ଏମିତି ଏକ ସଂଗ୍ରହାଳୟ ଯେଉଁଠି କେବଳ ଦେଖିବାକୁ ପାଇବେ ଗ୍ରାମୀଣ ସଂସ୍କୃତି ଓ କୃଷିକ୍ଷେତ୍ରରେ ଦେଶୀୟ ପଦ୍ଧତିରେ ବ୍ୟବହାର ହେଉଥିବା ବହୁ ସାମଗ୍ରୀ ଓ ବିଭିନ୍ନ ପ୍ରକାରର ବିହନ। ଏହି ସଂଗ୍ରହାଳୟ ସ୍ଥାନୀୟ ଗ୍ରାମବାସୀଙ୍କୁ ଜୈବିକ ପଦ୍ଧତିରେ ଚାଷବାସ ପାଇଁ ପ୍ରେରଣା ଯୋଗାଇପାରୁଛି। କିନ୍ତୁ ଏହାକୁ ପ୍ରତିଷ୍ଠା କରିଛନ୍ତି ଜଣେ ଅବସରପ୍ରାପ୍ତ ଶିକ୍ଷକ ଏବଂ ଏଥିରେ ସାମିଲ ହୋଇଛନ୍ତି ଅନ୍ୟ କେତେ ଜଣ ଉଦ୍ୟମୀ ଯୁବକ। ଯେଉଁମାନେ କି ଦେଶୀୟ ପଦ୍ଧତିରେ କୃଷିକ୍ଷେତ୍ରରେ ମନୋନିବେଶ କରିଥାନ୍ତି। ଆଉ ଚାଷ କାର୍ଯ୍ୟରେ ବ୍ୟବହାର କରାଯାଉଥିବା ବିଭିନ୍ନ ପୁରାତନ ବିରଳ ସାମଗ୍ରୀକୁ ସାଇତି ରଖିବାର ନିଶା ଏମାନଙ୍କ ପାଇଁ ସୃଷ୍ଟି କରିଛି ଏକ ସ୍ୱତନ୍ତ୍ର ପରିଚୟ। ଏପରି ସଂଗ୍ରହାଳୟକୁ ଯିବାକୁ ହେଲେ –ନିଆଳିଠାରୁ ଦକ୍ଷିଣକୁ ପ୍ରାୟ ଦେଢ଼କିମି ଦୂର ପ୍ରାଚୀ ନଦୀ ତଟ ପାରହୋଇ ଆସିପାରିବେ କିମ୍ବା ବନମାଳିପୁର ନିକଟସ୍ଥ ଭଅଁରାଠାରୁ ତଥା କୁଣ୍ଡେଇ କେନାଲ ପୂର୍ବରୁ କିଛିବାଟ ଡାହାଣକୁ ଆସିଲେ ହୁଏତ ନଜର ପଡ଼ିବ ଏକ ଧଳା କୋଠାଘର। ସମ୍ମୁଖରେ ଯାଇଛି କୁଣ୍ଡେଇ କେନାଲ । ନିକଟରେ ରହିଛି ସରକାରୀ ପଞ୍ଚାୟତ ସ୍କୁଲ, ଯାହା ଖୋର୍ଦ୍ଧା ଜିଲାର ବାଲିପାଟଣା ବ୍ଲକ ଅନ୍ତର୍ଗତ ନରିଶୋ ଗ୍ରାମପଞ୍ଚାୟତର ନରିଶୋ ଗାଁରେ ଅବସ୍ଥିତ କୃଷି ସଂଗ୍ରହାଳୟ ଓ ଐତିହ୍ୟ କେନ୍ଦ୍ର। ଏହି ସଂଗ୍ରହାଳୟର ପ୍ରତିଷ୍ଠାତା ତଥା ଅବସରପ୍ରାପ୍ତ ଶିକ୍ଷକ ନଟବର ଷଡ଼ଙ୍ଗୀ କୁହନ୍ତି– ସ୍କୁଲ ବୟସରୁ ବାପାଙ୍କ ସାଥିରେ ଚାଷ ଜମିକୁ ଯାଇ ବିଭିନ୍ନ ଫସଲ ଦେଖି ଖୁସି ହେଉଥିଲି। ସମୟକ୍ରମେ ଚାଷକାମ ବି କରିଲି। ମାତ୍ର ସ୍କୁଲ ପାଠପଢ଼ା ସରିଲା ପରେ ପୁରୀରେ ଆଇ.ଏସ୍‌ସି. ପଢ଼ିଲି । ଏହାପରେ ଶିକ୍ଷକ ଚାକିରି କରିଲି। କିନ୍ତୁ ୧୯୯୨ ମସିହାରେ ସରକାରୀ ଶିକ୍ଷକ ଚାକିରିରୁ ଅବସର ନେଇ ଗାଁରେ ରହିଲି। ଏବେ ବୟସ ପ୍ରାୟ ୮୦ଟପିଲାଣି କିନ୍ତୁ ଘରେ ବସିରହିବାକୁ ଭଲ ଲାଗିଲା ନାହିଁ। ଆମ ଗାଁରେ ଥିବା ପ୍ରାୟ ୫ଏକର ଚାଷ ଜମିରେ ୧୯୯୬ରୁ ଜୈବିକପଦ୍ଧତିରେ ବିଭିନ୍ନ ଧାନଚାଷ କରିଥିଲୁ। ଏଥିପାଇଁ ବିଭିନ୍ନ ବିହନ ସଂଗ୍ରହ କରିଲୁ। କିନ୍ତୁ ପୂର୍ବରୁ ଦୀର୍ଘ ୨୦ବର୍ଷ ଧରି ଚାଷ ସହିତ ଅନ୍ୟାନ୍ୟ କୃଷି ସାମଗ୍ରୀ ସମ୍ପର୍କରେ ଅନୁଧ୍ୟାନ କରୁଥିବା ଯୁବରାଜ ସ୍ୱାଇଁ ସାମିଲ ହେଲେ । ତେବେ ଦେଶୀ ପଦ୍ଧତିରେ ବିଭିନ୍ନ ଫସଲ ଚାଷକରି ଶରୀର ପାଇଁ ସୁସ୍ଥ ଫସଲର ଗୁଣବତ୍ତା ସମ୍ପର୍କରେ ଜାଣିପାରିଲୁ। ଏଥିପ୍ରତି ଲୋକଙ୍କ ଚାହିଦା ବଢ଼ିବାରେ ଲାଗିଲା। ଅନ୍ୟପକ୍ଷେ ଦେଶୀ ଚାଷ କାର୍ଯ୍ୟରେ ବ୍ୟବହୃତ ଓ ବ୍ୟବହାରିକ ବିଭିନ୍ନ ସାମଗ୍ରୀ ସଂଗ୍ରହ କରିବା ଏକ ନିଶା ହୋଇଗଲା। ଏଥିପାଇଁ ଆମ ସହିତ ସାମିଲ ହୋଇଥିବା ପ୍ରାୟ ୭/୯ଜଣ ସଦସ୍ୟ ଓଡ଼ିଶାର ବିଭିନ୍ନ ଅଞ୍ଚଳ ଘୂରିବୁଲି ନାନା ପ୍ରକାରର ପୁରାତନ ତଥା ବହୁ ବିରଳ ସାମଗ୍ରୀକୁ ଅନେକ ବଦାନ୍ୟବ୍ୟକ୍ତିଙ୍କଠାରୁ ସଂଗ୍ରହ କରିଲୁ। ଏମିତିରେ ୨୦୨୦ ମସିହାରୁ ଏକ ସଂଗ୍ରହାଳୟ ଟିଏ ପ୍ରତିଷ୍ଠା କରିବା ପାଇଁ ମନସ୍ଥ କଲୁ। ଲୋକ ସମବାୟ ପ୍ରତିଷ୍ଠାନ ନାଁରେ ଏକ ଟ୍ରଷ୍ଟ ଗଠନ ହେଲା । ପ୍ରାୟ ୪ଗୁଣ୍ଠ ଜାଗାରେ ଏହି ଅନୁଷ୍ଠାନଟି ସ୍ଥାପିତ ହୋଇଛି। ଅନୁଷ୍ଠାନ ନିକଟରେ ଥିବା ପ୍ରାୟ ୧୦ଏକର ଜମିରେ ବର୍ଷର ବିଭିନ୍ନ ଋତୁରେ କେବଳ ଜୈବିକ ପଦ୍ଧତିରେ ନାନା ପ୍ରକାର ଧାନଚାଷ ସମେତ ଅନ୍ୟାନ୍ୟ ଫସଲ କରାଯାଇପାରୁଛି। ତେବେ ଦିନକୁ ଦିନ ଗାଁ ଗଣ୍ଡାର ଲୋକଙ୍କ ଜୀବନଶୈଳୀ ତଥା ଚଳଣିରେ ବ୍ୟବହୃତ ଓ ବ୍ୟବହାରିକ ସାମଗ୍ରୀ ଲୋପ ପାଇଯାଉଥିବାରୁ ବିଭିନ୍ନ କୌଳିକବୃତ୍ତିର– ବହୁ ପୁରାତନ ପାରମ୍ପରିକ ସାମଗ୍ରୀ ଆଗାମୀ ପିଢ଼ିଙ୍କ ପାଇଁ ମନେରଖିବାରେ ସହାୟକ ହୋଇପାରିବ। ସେଥିପାଇଁ ଅଧିକମାତ୍ରାରେ ପୁରାତନ ସାମଗ୍ରୀ ସଂଗ୍ରହ କରିବା ପ୍ରୟାସ ଜାରିରଖିଛୁ। ଯଦି କେହି ସହୃଦୟ ବ୍ୟକ୍ତି ଇଚ୍ଛା କରନ୍ତି ତେବେ ସେ ଏହି ଅନୁଷ୍ଠାନକୁ ଗ୍ରାମୀଣ ଜନଜୀବନରେ ବ୍ୟବହୃତ ପୁରାତନ ସାମଗ୍ରୀକୁ ଏଠାକୁ ପ୍ରଦାନ କରିପାରିବେ। ଏବେ ଏହି ଅନୁଷ୍ଠାନରେ ପ୍ରାୟ ୭ଶହ ପ୍ରକାରର ଧାନ ବିହନ ରହିଛି। ସେହିପରି ପାନ ବଟୁଆ, ପାନଦାନୀ, ଗୁଆକାତି, ରୁଖା, ବ୍ୟାସ, ଖଟୁଲି, ପିଢ଼ା, ବିଭିନ୍ନ କଂସାପାତ୍ର, ସେହିପରି ସବାରି, ପାଲିଙ୍କି, ଢିଙ୍କି, ଚୁଲି, କଜ୍ୱଳପାତି, ସିନ୍ଦୂରଫରୁଆ, ସିନ୍ଧୁକ, ବେତର ପେଡ଼ି, ପେଟରା, ବାଉଁଶକୁଲା, ଭୋଗେଇ, ଚାଙ୍ଗୁଡ଼ି, ଟୋକେଇ, ପାଛିଆ, ଚିଢ଼େଇ, କାଠଚଟୁ, ଶଢେଇଡଙ୍କି,ଦହିଘୋଳା, ଲୁହାଲଙ୍ଗଳ, ଦା,ଚାଷଲୁହା, କୋଦାଳ, ଗଇନ୍ତି, ଫାଉଡ଼ା, ଈଷ, ଶଗଡ଼ଚକ, ଜୁଆଳି, ପହି, ଅର, ପଖିଆ, ମାଟିଘୁମ, ପଲମ, ଓଳିଆ, ମହି, ମାଛଧରା ଜାଲ , ପୋଲୁହ, ମୁଗୁରା, ଖେପାଜାଲ ସମେତ ବିଭିନ୍ନ ଅଞ୍ଚଳର ମାଟି, ପଥରକୁ ସଂଗ୍ରହକରି ଏଠାରେ ସାଇତା ରଖାଯାଇଛି। ଏହି ସାମଗ୍ରୀର ସୁରକ୍ଷା ଓ ଯତ୍ନ ନେବା ପାଇଁ ଏଠାରେ ୫/୬ଜଣ କାର୍ଯ୍ୟ କରିଥାନ୍ତି । ସାଇତା ହୋଇ ରଖାଯାଇଥିବା ବିଭିନ୍ନ ବିରଳ ସାମଗ୍ରୀର ସୁରକ୍ଷା ନିମନ୍ତେ ପ୍ରତିଦିନ ସଫାସୁତୁରା କରାଯାଇଥାଏ। କାଠ ସାମଗ୍ରୀରେ ଦେଶୀ ପଦ୍ଧତିରେ କରଞ୍ଜତେଲ, ହଳଦୀଗୁଣ୍ଡି, ନିମତେଲ ଆଦି ବ୍ୟବହାର କରିଥାନ୍ତି । ତେବେ ଏହି ସଂଗ୍ରହାଳୟକୁ ବୁଲିବା ପାଇଁ ଆଖପାଖ ଅଞ୍ଚଳ ସମେତ ବିଭିନ୍ନ ସ୍ଥାନରୁ ଅନେକ ଛାତ୍ରୀଛାତ୍ର, ବିଭିନ୍ନବର୍ଗର ବୁଦ୍ଧିଜୀବୀମାନେ ଆସିଥାନ୍ତି।












ବି ଏମ୍ ବୈଶାଳୀ

## ସୂଚନା

ଏଠାରେ ଫଟୋ ପ୍ରକାଶ ପାଇବା ପାଇଁ କିଛି ଟଙ୍କା ଦେବାକୁ ପଡ଼େନାହିଁ। ଯୋଗ୍ୟ ବିବେଚିତ ଫଟୋ ହିଁ ପ୍ରକାଶ ପାଇବ।

ଆପଣଙ୍କ ମୁହଁ ମଡେଲ ମିରରରେ ଦେଖିବାକୁ ଚାହୁଁଥିଲେ
ଯୋଗାଯୋଗ: ଧରିତ୍ରୀ ଛୁଟିଦିନ, ବି–୧୫ ରସୁଲଗଡ଼
ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
ଫୋନ ନଂ: (୦୬୭୪) ୨୫୮୦୧୦୧

# ହାଃ ହାଃ

### ଭାଗ୍ୟ ଭଲ

ପୁଅ ବାପାଙ୍କୁ ରିପୋର୍ଟ କାର୍ଡ ଦେଖାଇବା ପୂର୍ବରୁ– ବାପା ତମେ ବହୁତ ଭାଗ୍ୟବାନ।

ବାପା– କେମିତି ?

ପୁଅ– ତମେ କହୁଥିଲ ନା ମୁଁ ପାସ୍ ହେଲେ ତମେ ମୋ ପାଇଁ ଭଲ ଦାମୀ ସାଇକେଲ ଆଣିଦେବ। ତମକୁ ଆଉ ଏତେ ଟଙ୍କା ଖର୍ଚ୍ଚକରି ଆଣିବାକୁ ପଡିବନି। କାହିଁକି ନା ମୁଁ ଫେଲ୍ ହୋଇଯାଇଛି।

### ମଜା

ଗୋଟେ ମୋଟା ପହିଲବାନ ପିଲା ଏକ ଦୁର୍ବଳିଆ ପିଲାକୁ ଚାପୁଡା ମାରିଲା।

ଦୁର୍ବଳ ପିଲା– ତୁ ମତେ ରାଗିକି ମାରିଲୁ ନା ମଜାରେ ମାରିଲୁ ?

ମୋଟା ପିଲା– ରାଗିକି। କ'ଣ କରିବୁ ମୋର ?

ଦୁର୍ବଳ ପିଲା– ନାଇଁ କିଛି ନାହିଁ। ରାଗିକି ମାରିଛୁ ତ ଭଲ କଥା। ମତେ ଥଟ୍ଟାମଜା ଜମାରୁ ଭଲ ଲାଗେନି।

### ଆକବର୍

ଜଣେ ବ୍ୟକ୍ତି ମହିଳାଙ୍କୁ–ଜାଣନ୍ତି ମୁଁ ଅନେକ ବହି ଲେଖିଛି।


ମହିଳା–ମୁଁ ଜାଣେ। ଆପଣ ତ ପୂରା ଆକବର ବାଦ୍‌ଶାହଙ୍କ ପରି ଲେଖନ୍ତି।

ବ୍ୟକ୍ତି– ହେଲେ ଆକବରଙ୍କୁ ଲେଖିବା ଆସୁ ନ ଥିଲା।


ମହିଳା–ସେଇଥିପାଇଁ ତ ମୁଁ କହିଲି।

# ଆସ୍ଥାର ଠାକୁର ଗଣପତିପୁଲେ

**ଗଣପତିପୁଲେ ମହାରାଷ୍ଟ୍ରର ଏକ ଅତ୍ୟନ୍ତ ସୁନ୍ଦର ବିଚ୍ ଟାଉନ୍ । ପର୍ଯ୍ୟଟକଙ୍କ ସମେତ ଶାନ୍ତ ବାତାବରଣ ପ୍ରତି ରୁଚି ରଖୁଥିବା ତୀର୍ଥଯାତ୍ରୀଙ୍କ ପାଇଁ ବି ଏହା ଏକ ଆକର୍ଷଣୀୟ ପର୍ଯ୍ୟଟନସ୍ଥଳୀ ଭାବେ ପରିଚିତ। ତା'ଛଡ଼ା ଏଠାରେ ରହିଛି ଭଗବାନ ଗଣେଶଙ୍କୁ ସମର୍ପିତ ଏକ ଭବ୍ୟ ମନ୍ଦିର...**




ଗଣପତିପୁଲେ ମହାରାଷ୍ଟ୍ରର ଏକ ଛୋଟ ବିଚ୍ ଟାଉନ୍ ଅଟେ, ଯାହା ନିଜର ଶାନ୍ତବାତାବରଣ ତଥା ଧାର୍ମିକ ଆସ୍ଥା ପାଇଁ ବେଶ୍ ପ୍ରସିଦ୍ଧି ଲାଭ କରିପାରିଛି। ଏଠାରେ ରହିଛି ଭଗବାନ ଗଣେଶଙ୍କର ଏକ ପବିତ୍ର ମନ୍ଦିର। ଲୋକକଥା ଅନୁଯାୟୀ, ସ୍ଥାନୀୟ ଜଣେ ମହିଳାଙ୍କ ଦ୍ୱାରା କରାଯାଇଥିବା ଟିପ୍ପଣୀ ପାଇଁ ଏଠାରେ ପୂଜା ପାଉଥିବା ଗଣେଶ ନିଜର ମୂଳସ୍ଥାନ ଗୁଲେ(ଏଠାରୁ କିଛି ଦୂରରେ ଥିବା ଏକ ସ୍ଥାନ)ଠାରୁ ଆସି ଏହି ପୁଲେରେ ଅବସ୍ଥାନ କରିଥିଲେ। ଆଉ ଯେଉଁଥିପାଇଁ ଏହି ବିଚ୍ ଟାଉନ୍‌ଟି ଆଜି ଗଣପତିପୁଲେ ଭାବେ ପରିଚିତ ବୋଲି ବିଶ୍ୱାସ କରାଯାଏ। ତା'ଛଡ଼ା ଏହି ଗଣପତିପୁଲେ ମନ୍ଦିରରେ ପୂଜା ପାଉଥିବା ଗଣେଶ ପଶ୍ଚିମାମୁଖୀ ହୋଇଥିବାରୁ ତାଙ୍କୁ ଅନେକେ ପଶ୍ଚିମ ଦ୍ୱାରର ଦେବତା ବୋଲି ବି କହିଥାନ୍ତି। ତେବେ ଏହି ଠାକୁର ଖୁବ୍ ପ୍ରତ୍ୟେକ୍ଷ ହୋଇଥିବାରୁ ବର୍ଷସାରା ଏଠାରେ ଭକ୍ତଗଣଙ୍କର ଗହଳଚହଳ ଲାଗି ରହିଥିବା ଦେଖିବାକୁ ମିଳେ।



### ଗଣପତି ମନ୍ଦିର

ଗଣପତିପୁଲେ ମୁଖ୍ୟତଃ ନିଜର ଆକର୍ଷଣୀୟ ସମୁଦ୍ରତଟ ପାଇଁ ପ୍ରସଦ୍ଧି ଲାଭ କରିପାରିଛି। ତା'ଛଡ଼ା ଏହି ସମୁଦ୍ରତଟରେ ରହିଛି ଭଗବାନ ଗଣେଶଙ୍କୁ ସମର୍ପିତ ଏକ ଭବ୍ୟ ମନ୍ଦିର; ଯାହାକି ପ୍ରାୟ ୪୦୦ ବର୍ଷର ପୁରୁଣା ବୋଲି ବିଶ୍ୱାସ କରାଯାଏ। କୁହାଯାଏ, ଏଠାରେ ପୂଜା ପାଉଥିବା ଗଣେଶ ହେଉଛନ୍ତି ଖୁବ୍ ପ୍ରତ୍ୟେକ୍ଷ। ଭକ୍ତିର ସହକାରେ ତାଙ୍କୁ ଯିଏ ଆବାହନ କରିଥାନ୍ତି, ପ୍ରଭୁ ତାଙ୍କର ସବୁ ଇଚ୍ଛାକୁ ପୂରଣ କରିଥାନ୍ତି। ସେଥିପାଇଁ ଏଠାକୁ ବହୁ ଦୂରଦୂରାନ୍ତରୁ ଭକ୍ତଗଣ ଧାଇଁ ଆସିଥାନ୍ତି। ତା'ଛଡ଼ା ନିରୋଳା ବାତାବରଣ ଭିତରେ ଅବସ୍ଥିତ ଏହି ମନ୍ଦିରଟି ଛୁଟି କରାଇବା ପାଇଁ ତଥା ମନକୁ ଶାନ୍ତ କରିବା ପାଇଁ ଏକ ଉପଯୁକ୍ତ ସ୍ଥାନ ବୋଲି କହିଲେ ଅତ୍ୟୁକ୍ତି ହେବନାହିଁ। ତେବେ ଏଠାକାର ସମୁଦ୍ର ତଟବର୍ତ୍ତୀ ଅଞ୍ଚଳରେ ବହୁ ସଂଖ୍ୟାରେ ନଡ଼ିଆ ଗଛ ଥିବାର ମଧ୍ୟ ଦେଖିବାକୁ ମିଳିଥାଏ।



### ରୋମାଞ୍ଚକର କ୍ରୀଡ଼ାର ଆନନ୍ଦ


ଗଣପତିପୁଲେରେ ଥିବା ସମୁଦ୍ରତଟରେ ପର୍ଯ୍ୟଟକ ଅନେକ ପ୍ରକାର ରୋମାଞ୍ଚକର କ୍ରୀଡ଼ାର ଆନନ୍ଦ ମଧ୍ୟ ନେଇପାରିବେ। ଯେମିତିକି: ରୋ ବୋଟ୍ସ, ଏୟାର୍ ବୋଟ୍ସ, ମୋଟର୍ ବୋଟ୍ସ, ପେଡାଲ୍ ବୋଟ୍ସ ଇତ୍ୟାଦି ଅନ୍ୟତମ। ତା'ଛଡ଼ା ପାରାଗ୍ଲାଇଡିଂ ପାଇଁ ବି ଏହି ସ୍ଥାନ ଖୁବ୍ ପ୍ରସିଦ୍ଧ।

### ଆଉ କ'ଣ ଦେଖିବେ

ଗଣପତିପୁଲେର ନିକଟବର୍ତ୍ତୀ ଅଞ୍ଚଳରେ ଆହୁରି ଅନେକ ଆକର୍ଷଣୀୟ ସ୍ଥାନମାନ ମଧ୍ୟ ରହିଛି। ଏଇ ଯେମିତିକି: ଭେଲନେଶ୍ୱର ନାମକ ଏକ ଶିବ ମନ୍ଦିର। ସେହିପରି ଗଣପତିପୁଲେଠାରୁ ମାତ୍ର ୧ କି.ମି ଦୂରରେ ରହିଛି ମାଲଗୁଣ୍ଡ ନାମକ ଏକ ଗାଁ, ଯାହାର ଆକର୍ଷଣୀୟ ପରିବେଶ ବି ବେଶ୍ ମନଛୁଆଁ ହୋଇଥାଏ। ସେହିପରି ୨୦ କି.ମି ଦୂରରେ ରହିଛି ଜାୟଗଡ଼ ନାମକ ଏକ ଦୁର୍ଗ। ତା'ଛଡ଼ା ୨୬ କି.ମି ଦୂରରେ ରହିଛି ରତ୍ନାଗିରି ନାମକ ଏକ ବନ୍ଦର ତଟଦେଶୀୟ ସହର। ପର୍ଯ୍ୟଟକ ଏଠାରେ ମଧ୍ୟ ଅନେକ କିଛି ଦର୍ଶନୀୟ ସ୍ଥାନ ଦେଖିବାକୁ ପାଇପାରିବେ।

### କେବେ ଯିବେ

ଗଣପତିପୁଲେରେ ମାର୍ଚ୍ଚ ମାସରୁ ତାପମାତ୍ରା ଧୀରେ ଧୀରେ ବୃଦ୍ଧି ପାଇବାକୁ ଲାଗିଥାଏ ହେଲେ ଏହା ୩୮ ଡିଗ୍ରୀରୁ ଅଧିକ ହୋଇ ନଥାଏ। ମେ' ମାସ ହେଉଛି ଏଠାକାର ସବୁଠାରୁ ଗରମ ମାସ। ସେହିପରି ଏଠାରେ ବର୍ଷା ମଧ୍ୟ ଭଲ ପରିମାଣର ହୋଇଥାଏ। ଜୁନ୍‌ରୁ ଅକ୍ଟୋବର ହେଉଛି ଏଠାକାର ବର୍ଷାଋତୁ। ତେବେ ଶୀତଦିନ ହେଉଛି ବୁଲାବୁଲି କରିବା ପାଇଁ ଏଠାକାର ସବୁଠାରୁ ଭଲ ସମୟ। କିନ୍ତୁ ଏଠାରେ ଯେହେତୁ ପ୍ରଭୁ ଗଣେଶଙ୍କର ପବିତ୍ର ମନ୍ଦିର ରହିଛି, ତେଣୁ ଗଣେଶ ଚତୁର୍ଥୀ ସମୟରେ ବି ଏଠାରେ ଭକ୍ତଗଣଙ୍କର ପ୍ରବଳ ଭିଡ଼ ଦେଖିବାକୁ ମିଳିଥାଏ।



### କେମିତି ଯିବେ

ମୁମ୍ବାଇରୁ ପ୍ରାୟ ୩୭୫ କି.ମି ତଥା ପୁଣେଠାରୁ ପ୍ରାୟ ୩୩୧ କି.ମି ଦୂରରେ ଅବସ୍ଥିତ ଗଣପତିପୁଲେକୁ ଯିବା ପାଇଁ ଗମନାଗମନର ତିନୋଟି ମାର୍ଗର ବେଶ୍ ଭଲ ସୁବିଧା ରହିଛି। କୋହ୍ଲାପୁର ହେଉଛି ଏହାର ନିକଟବର୍ତ୍ତୀ ବିମାନବନ୍ଦର। ସେହିପରି ରତ୍ନାଗିରି ଓ ଭୋକେ ହେଉଛି ଗଣପତିପୁଲେର ଦୁଇଟି ନିକଟତମ ରେଳଷ୍ଟେଶନ। ତା'ଛଡ଼ା ଏଠାକୁ ବସ୍ ଯୋଗେ ବି ଯିବାର ଭଲ ସୁବିଧା ରହିଛି। ତେଣୁ ପର୍ଯ୍ୟଟକଙ୍କୁ ଯେଉଁଥିରେ ସୁବିଧା ସେମାନେ ସେଥିରେ ସୁବିଧାରେ ଯାଇ ଏହି ପବିତ୍ରସ୍ଥଳୀରେ ଆରାମରେ ପହଁଞ୍ଚିପାରିବେ।



# ସାଇକେଲ୍‌ରେ ବୁଲି ବୁଲି ପଢ଼ାନ୍ତି

ଉତ୍ତର ପ୍ରଦେଶ, ଫାରୁଖାବାଦର ସଲେମ୍‌ପୁରରେ ରହୁଥିବା ଆଦିତ୍ୟ କୁମାର ବେଶ୍ ପରିଚିତ ସାଇକେଲ୍‌ୱାଲେ ଗୁରୁଜୀଭାବେ। ତାଙ୍କ ସାଇକେଲକୁ ଦେଖିଦେଲେ ଲୋକେ ଜାଣିଯାନ୍ତି ଆଦିତ୍ୟ କୁମାରଙ୍କୁ। ପାଠପଢାକୁ ନେଇ ବିଭିନ୍ନ ସଚେତନତା ବାର୍ତ୍ତା ବଡ ବଡ ଅକ୍ଷରରେ ଲିଖିତ ପୋଷ୍ଟର ଲାଗିଥାଏ ତାଙ୍କ ସାଇକେଲ୍‌ରେ। ତା'ସହ ସାଇକେଲ୍‌ରେ ଥାଏ ଅନେକ ବହି। ଦିନକୁ ୬୪ କି.ମି. ସାଇକେଲ୍‌ରେ ବୁଲି ବୁଲି ସେ ଗରିବ ବସ୍ତି ପିଲାଙ୍କୁ ମାଗଣାରେ ପାଠ ପଢ଼ାନ୍ତି। ୪୫ ମାସ ଭିତରେ ୨୯ଟି ରାଜ୍ୟ ବୁଲି ସେ ପିଲାଙ୍କୁ ପଢ଼ାଇଛନ୍ତି। ତେଣୁ ଲିମ୍‌କା ବୁକ୍ ଅଫ୍ ରେକର୍ଡସ୍‌ରେ ତାଙ୍କ ନାମ ସ୍ଥାନ ପାଇଛି। ଗରିବ ଶ୍ରମିକଘରର ପିଲା ହେଉଛନ୍ତି ଆଦିତ୍ୟ। ତେଣୁ ଗରିବ ପିଲା ପାଠ ପଢି ମଣିଷ ହେବା କେତେ କଷ୍ଟ ସେ ବୁଝିଛନ୍ତି। ସେଥିପାଇଁ ସେ ବୁଲି ବୁଲି ପିଲାଙ୍କୁ ଜ୍ଞାନ ବାଣ୍ଟୁଛନ୍ତି। ଏମିତି କି ପ୍ରାୟ ୨ଲକ୍ଷ ପିଲାଙ୍କୁ ସ୍କୁଲ ପଠାଇଛନ୍ତି। ୨୦୧୫ରୁ ସେ ଭାରତ ଯାତ୍ରା କ୍ୟାମ୍ପେନ ଆରମ୍ଭ କରି ଗାଁ ଗହଳି ଉପାନ୍ତ ଅଞ୍ଚଳ ବୁଲି ବୁଲି ଶିକ୍ଷା ଜନିତ ବାର୍ତ୍ତା ବାଣ୍ଟୁଛନ୍ତି। ନିଜ ଜୀବନକୁ ଶିକ୍ଷା ପାଇଁ ସମର୍ପି ଥିବା ଏହି ଶିକ୍ଷକଙ୍କର କିନ୍ତୁ ନିଜର କିଛି ଠିକଣା ନାହିଁ। କେବେ ପ୍ଲାଟଫର୍ମରେ ତ କେବେ କେହି ଦୟା କରି ନିଜ ଘରେ ସ୍ଥାନ ଦେଲେ ସେ ରହିଯାନ୍ତି। ଏହି ତ୍ୟାଗକୁ କିନ୍ତୁ ତାଙ୍କ ପରିବାର ଲୋକ କେବେ ସମର୍ଥନ ଦେଇ ନାହାନ୍ତି। ସେମାନଙ୍କ ମତରେ ନିଜ ପେଟ ପୋଡି ଯାଉଥିବା ବେଳେ ଅନ୍ୟକୁ ସାହାଯ୍ୟ କରିବାର କୌଣସି ମାନେ ନାହିଁ। ତଥାପି ସେ ଜାରି ରଖିଛନ୍ତି ନିଜର ମୋବାଇଲ୍ କ୍ଲାସ୍ ରୁମ୍।








## କାର୍ଟୁନ କର୍ନର



# ଓଁ ଶର୍ଟକଟ୍ ଦେବାୟ ନମଃ

## କଥା ଚାଟ୍



ସରସ୍ୱତୀ ଓ ଗଣେଶଙ୍କ ଭିତରେ ବଚସା ହେଲା। ମା' ସରସ୍ୱତୀ ଗଣେଶଙ୍କୁ କହିଲେ- ''ମୋ ଭକ୍ତମାନଙ୍କୁ ଦେଖ କେମିତି ଶାନ୍ତ ସୁଧାର। କେତେ ଭକ୍ତିରେ ମୋତେ ପୂଜା କରୁଛନ୍ତି। ମୋ ଭକ୍ତମାନେ ଏଡ଼େ ବୁଦ୍ଧିଆ ଯେ ଆଇ.ଏ.ଏସ., ଆଇ.ପି.ଏସ., ଇଞ୍ଜିନିୟର, ଡାକ୍ତର ଭଳି ବଡ଼ ବଡ଼ ଚାକିରି କରି ପରିବାର ଓ ଦେଶର ବିକାଶ କରୁଛନ୍ତି। ଆଉ ଦେଖ ତୋ ଭକ୍ତମାନଙ୍କ ଭକ୍ତି। ରାସ୍ତାଘାଟ ଯେଉଁଠି ପାଇଲେ ସେଇଠି ତୋତେ ରଖି ଉତ୍ପାତ କରୁଛନ୍ତି। ତୋତେ ପୂଜା କରିବା ବାହାନାରେ ଚାନ୍ଦା ଉଠେଇ ମଦ ମାଂସରେ ଗମାତ କରୁଛନ୍ତି। ସେମାନଙ୍କ ଭିତରୁ ଅନେକ ଶ୍ରୀଅକ୍ଷର ବିବର୍ଜିତ। ଗଜାନନକୁ ପୂଜି ଗଜମୂର୍ଖ।'' ଗଣେଶ ମୃଦୁ ହସିଲେ। କହିଲେ ''ମାତଃ, ଏ ଯେଉଁ ଉଚ୍ଛୃଙ୍ଖଳ ଯୁବକମାନଙ୍କୁ ଦେଖୁଛନ୍ତି ଏମାନେ ସମସ୍ତେ ମୋର ପ୍ରକୃତ ଭକ୍ତ। ମୋ ନାଁରେ ଚାନ୍ଦାଭେଦା କରି ଗମାତ କରୁଥିବା ପିଲାମାନଙ୍କ ଭିତରୁ ଅନେକ ରାଜନୀତି କରିବେ। ସେମାନଙ୍କ ଭିତରୁ କେହି ହୁଏତ ଏ ଦେଶର ମାନ୍ୟବର ମନ୍ତ୍ରୀ ହୋଇପାରନ୍ତି। ଆପଣଙ୍କ ବଡ଼ ବଡ଼ ଅଫିସର ରାତିଦିନ ଲାଗିପଡି ଯେତେ ଫାଇଲ ଚାଷ କଲେ କ'ଣ ହେବ ମନ୍ତ୍ରୀଙ୍କ ଦସ୍ତଖତ ନ ହେଲେ ତାହା ମୂଲ୍ୟହୀନ। ଏଇ ଭକ୍ତମାନେ ଆସେମ୍ବ୍ଲି, ପାର୍ଲାମେଣ୍ଟରେ ବସି ଆଇନ ତିଆରି କରିବେ। ଚାହିଁଲେ ନିଜ ମୁତାବକ ନିୟମ ପରିବର୍ତ୍ତନ କରିବେ। ତାକୁ ଆପଣଙ୍କ ବିଦ୍ୱାନ ସୁଧାର ଭକ୍ତମାନେ ମାନିବାକୁ ବାଧ୍ୟ। ନିଜ ନିଜ କାମ ପାଇଁ ଆପଣଙ୍କ ତଥାକଥିତ ବଡ଼ ବିଦ୍ୱାନ ଅଫିସରମାନେ ସକାଳ, ସନ୍ଧ୍ୟାରେ ଏଇ ଭକ୍ତଙ୍କ ଆଗରେ ହାତଯୋଡ଼ି ଚାପୁଲିସି କରନ୍ତି। ଆପଣଙ୍କ ଭକ୍ତ ଯଦି ବୁଦ୍ଧିଆ ମୋ ଭକ୍ତ ହେଲେ ବୁଦ୍ଧିଆତର, ବୁଦ୍ଧିଆତମ। ଆପଣଙ୍କୁ ମାଲୁମ ଥିବ ମୁଁ କେମିତି ବାବା ମାଆଙ୍କ ଚାରିପଟେ ବୁଲିଆସି କାର୍ତ୍ତିକ ଭାଇଙ୍କଠାରୁ ପୃଥିବୀ ପରିକ୍ରମାର ବାଜି ଜିତିଥିଲି। କାର୍ତ୍ତିକ ଭାଇ ସାରା ବିଶ୍ୱ ମୟୂର ପିଠିରେ ବୁଲି ଧଇଁ ସଇଁ ହୋଇ ପହଞ୍ଚିଲା ବେଳକୁ ମୁଁ ମୋର ବୁଦ୍ଧି ଖଟେଇ ବାବା ମାଆଙ୍କ ଚାରିପଟେ ଘେରାଏ ବୁଲିଆସି ବାଜି ଜିତିଯାଇଥିଲି। ମୋ ଭକ୍ତମାନେ ମଧ୍ୟ ମୋ ଭଳି ଅତି ସୂକ୍ଷ୍ମ ବୁଦ୍ଧିରେ ବଳିୟାନ। ଶର୍ଟକଟ୍‌ରେ କିଭଳି ଉଚ୍ଚ ସ୍ଥାନରେ ପହଞ୍ଚିବେ ଏମାନଙ୍କୁ ଜଣା। ଯଦି କେହି ଅଧ୍ୟବସାୟ, ଏକାଗ୍ରତା, ପରିଶ୍ରମ ଭଳି ଶ୍ରୁତିମଧୁର ଶବ୍ଦ ସବୁ ମୋ ଭକ୍ତଙ୍କ ଅଭିଧାନରେ ଖୋଜିବେ ତେବେ ନିରାଶ ହେବା ନିଶ୍ଚିତ। କାରଣ ମୋ ଭକ୍ତଙ୍କ ଅଭିଧାନରେ କପି, ଧରାଧରି, ଗଳିପଶି, ଦିଆନିଆ, ଠେଲାଠେଲି ଭଳି ଶବ୍ଦ ବହୁଳଭାବେ ଦୃଶ୍ୟମାନ ହୁଅନ୍ତି। ତେଣୁ କ୍ଷମା କରିବେ ମାତା ଛୋଟ ମୁହଁ ବଡ଼ କଥାଟିଏ କହୁଛି, ଯେଉଁଠି ନିର୍ବାଚନରେ ନ ଲଢ଼ି ଜଣେ ପ୍ରଧାନମନ୍ତ୍ରୀ ହୋଇପାରୁଛି, ନିର୍ବାଚନରେ ହାରି ଜଣେ ମୁଖ୍ୟମନ୍ତ୍ରୀ ହୋଇପାରୁଛି, ବିନା ପାଠ ପଢ଼ି ଜଣେ ପରୀକ୍ଷାରେ ପ୍ରଥମ ହୋଇପାରୁଛି। ସେଠି ଜାଣିବେ ସଫଳତାର ଶର୍ଟକଟ୍ ବାଟ ଦେଖାଇଦେଉଥିବା ସେହି ଚତୁର ପ୍ରାଣୀ ହେଲା ଏଇ ସର୍ବବିଘ୍ନ ବିନାଶକ ଗଣେଶର ପ୍ରକୃତ ଭକ୍ତ। ଏ ଅଧ୍ୟବସାୟ, ପରିଶ୍ରମ ଧୈର୍ଯ୍ୟ ଭଳି ବହି ପାଠର ଆଶ୍ୟକତା ନାହିଁ। ଯିଏ ନିଜର ସୂକ୍ଷ୍ମ ବୁଦ୍ଧି ଖଟେଇ ଯେତେ ଶର୍ଟକଟ୍ ରାସ୍ତା ଆପଣେଇ ପାରିଲା ସେ ସେତିକି ଉନ୍ନତି କରିଲା।'' ସବୁ ଶୁଣିସାରିଲା ପରେ ମାଆ ସରସ୍ୱତୀ ମନ ଦୁଃଖରେ କହିଲେ- ''ହଁ ରେ ଗଣିଆ, ତୁ ଯାହା କହିଲୁ ସେଇଟା ହିଁ ସତ୍ୟ। ଆଜି ବୁଝୁଛି, ଯୁଗ ଉପଯୋଗୀ ବୁଦ୍ଧି ନ ହେଲେ ଜଣେ ପଛୁଆ ରହିଯିବ। ଚାରି ମୁଣ୍ଡିଆ ବ୍ରହ୍ମାଙ୍କ ସାନ୍ନିଧ୍ୟରେ ରହି ଆମ ବୁଦ୍ଧି ବି ସବୁ ପୁରୁଣା କାଳିଆ ହୋଇଗଲାଣି। ଖୁଦୁରୁକୁଣୀ, ଗୋଜବାୟାଣୀଙ୍କ ଭଳି ଏବେକାର ଠାକୁରାଣୀମାନଙ୍କ ଖ୍ୟାତି କାହିଁରେ କ'ଣ। ଗୋଜବାୟାଣୀଙ୍କ ମନ୍ଦିରରେ ଆମ ଭଳି ପୁରୁଣା କାଳିଆ ଠାକୁର ଠାକୁରାଣୀ ଏବେ ପାର୍ଶ୍ୱ ଦେବୀ ନଚେତ୍ ଦ୍ୱାରପାଳ ଦେବତା। ସେତିକିରେ ରହି ସବୁ ସହି ଯାଉଛୁ ବୋଲି ଜାଣ। ଭୋଗ ଟିକେ ମିଳୁଛି ନଚେତ୍ ତା' ପାଇଁ ବି ହାତ ପତେଇବାକୁ ପଡ଼ନ୍ତା। ମୋ ଭାଗ୍ୟ ଭଲ ତୋ ପୂଜା ଓ ମୋ ପୂଜା ଦିନ- ତିଥି ସବୁ ଅଲଗା ତାରିଖରେ ପଡୁଛି ନଚେତ୍ ତୋ ପୂଜା ପାଇଁ ଦିନକୁ ଦିନ ଯେମିତି ଭକ୍ତଙ୍କ ସଂଖ୍ୟା ସହ ପେଣ୍ଡାଲ ତୋରଣ ଆକାର ବଢ଼ୁଛି ମୋ ପେଣ୍ଡାଲ ପାଇଁ ଇଞ୍ଚେ ଜାଗା ମିଳିବା ମୁସ୍କିଲ ହୁଅନ୍ତା।'' ଗଣେଶ ମାତାଙ୍କୁ ଭରସା ଦେଇ କହିଲେ- ''ବ୍ରହ୍ମାଙ୍କୁ କହି ଏ ପୁରୁଣା ବୀଣା ବଦଳରେ ଗୋଟେ ଆଧୁନିକ କି ବୋର୍ଡ କିମ୍ବା ଭଲ ସିନ୍ଥେସାଇଜର୍ ଆଣନ୍ତୁ। ବର୍ଷ ବର୍ଷ ଧରି ବୀଣାରେ ସଙ୍ଗୀତ ରିୟାଜ କରିବାକୁ କାହାପାଖରେ ସମୟ ଅଛି। ସିନ୍ଥେସାଇଜର୍‌ରେ ସୁଇଚ୍ ଟିପିଲେ ଶହେ ପ୍ରକାର ବାଦ୍ୟ ବାଜିବ। ସକାଳେ ଗୁଣୁଗୁଣୁଇଲେ ସନ୍ଧ୍ୟାରେ କ୍ୟାସେଟ ରେଡି। ଯଦି ଭକ୍ତଙ୍କ ମାନସପଟରେ ରହିବାକୁ ଚାହାନ୍ତି ତେବେ ନିଜକୁ ଯୁଗୋପଯୋଗୀ କରନ୍ତୁ।'' ସରସ୍ୱତୀ ଏକ ଦୀର୍ଘ ନିଃଶ୍ୱାସ ଛାଡ଼ି କହିଲେ- ''ସତରେ ବିଘ୍ନ, ମୁଁ ଆଜି ଜାଣିଲି ଯୁଗକୁ ଚାହିଁ ଭକ୍ତ ନ ବଦଳେଇଲେ ନିଜ ସ୍ଥିତି ରହିବ ନାହିଁ। ତେତିଶ କୋଟିଙ୍କ ଭିତରୁ ଏବେ ହାତ ଗଣତି ଦେବଦେବୀଙ୍କୁ ଛାଡ଼ିଦେଲେ ଆଉ କାହାର ଅତାପତା ନାହିଁ। ତୁ ଆଜି ମୋ ଆଖି ଖୋଲିଦେଲୁ। ଶର୍ଟକଟ୍ ରାସ୍ତା ନ ଆପଣେଇଲେ ମୋର ପୂଜା ତ ଛାଡ଼ କେଉଁ ବିଡ଼ି କମ୍ପାନୀ କ୍ୟାଲେଣ୍ଡରରେ ବି ମୋ ଫଟୋ ଦେଖିବାକୁ ମିଳିବ ନାହିଁ। ତୁ ଜିତିଲୁ ମୁଁ ହାରିଲି।'' ଏହି ସମୟରେ ପାଖ କୌଣସି ଦେବାଳୟ ଲାଉଡସ୍ପିକରରୁ ନନାଙ୍କ ମନ୍ତ୍ରୋଚ୍ଚାରଣ ଭାସି ଆସୁଥିଲା 'ଓଁ ଶର୍ଟ କଟ୍ ଦେବାୟ ନମଃ'।

-ଓ ଅଭିଜ୍ଞାନ ସାହୁ
ବନମାଳୀ ଭବନ, ଖାନନଗର, କଟକ, ମୋ: ୯୪୩୭୦୧୦୭୫୮

## ପୁସ୍ତକ ସମୀକ୍ଷା

### ପ୍ରୀତିରୂପା

ପ୍ରକାଶକ-ସାରସ୍ୱତ ପ୍ରକାଶନ, ମାର୍କୋଣା
ମୂଲ୍ୟ-୧୨୦




କବି ଭରତ ଚନ୍ଦ୍ର ଦାଶଙ୍କର ପ୍ରୀତିରୂପା ପୁସ୍ତକରେ ୧୪୦ ଏକପଦୀ କବିତା ରହିଛି। କବିଙ୍କ ପ୍ରେମ ମନସ୍କତାରୁ ଏ କବିତାଗୁଡିକ ଜନ୍ମ ନେଇଛି। କବି ଏଥିରେ କହିଛନ୍ତି, ପ୍ରେମ ନ ଥିଲେ ଫୁଲ ନ ଥାନ୍ତା, ଫୁଲ ନ ଥିଲେ ସୁବାସ ନ ଥାନ୍ତା, ସୁବାସ ନ ଥିଲେ ଭ୍ରମର ନ ଥାନ୍ତା, ଭ୍ରମର ନ ଥିଲେ ଗୁଞ୍ଜନ ନ ଥାନ୍ତା। ଏହି ଗୁଞ୍ଜନ ହିଁ କବିତା। କବି ସରଳ ସାବଲୀଳ ଭାଷାରେ ନିଜ ମନ ଗହନର ଭାବାବେଗକୁ ଯେମିତି ଏକପଦରେ ନିଖୁଣ ଭାବରେ ପ୍ରକାଶ କରିବାକୁ ପ୍ରୟାସ କରିଛନ୍ତି, ତାହା କାବ୍ୟାମୋଦି ପାଠକଙ୍କୁ କିଛି କ୍ଷଣ ପାଇଁ ରସସିକ୍ତ କରି ରଖି ପାରିବ ବୋଲି ଆଶା କରାଯାଏ।

### ଶେଷ ଚିଠି:

ପ୍ରକାଶକ-ପ୍ରରମ୍ଭରା ପ୍ରକାଶନ, ନୟାଗଡ
ମୂଲ୍ୟ-୫୦



କବି ପ୍ରଫୁଲ୍ଲ କୁମାର ବରାଳଙ୍କ ଶେଷ ଚିଠି କବିତା ପୁସ୍ତକରେ ମିଶ୍ରିତ ଭାବେ କବିତାଗୁଡିକ ରହିଛି। କେଉଁଠି ସେ ବର୍ଷା ଛାଡିଯିବାର ଦୃଶ୍ୟ ବର୍ଣ୍ଣନା କରିଛନ୍ତି ତ କେଉଁଠି ପ୍ରେମ ଓ ପ୍ରଣୟର ଓ ଅନୁରାଗ ଓ ଅନୁଭବର କବିତା ଲେଖି ପାଠକଙ୍କୁ ଭେଟି ଦେଇଛନ୍ତି। ଏଥିରେ ଯେଉଁ ନାମ ଏବଂ ଧାମର ବର୍ଣ୍ଣନା କରିଛନ୍ତି, ତାହା କଳ୍ପନା ପ୍ରସୂତ। ତେଣୁ ପ୍ରତିଟି କବିତା ତାର ସ୍ୱତନ୍ତ୍ରତା ବଜାୟ ରଖୁଛି। ଆଶା ଏହା ପାଠକଙ୍କୁ ଆକୃଷ୍ଟ କରିବ।

### ରଘୁ ମାଷ୍ଟ୍ରେଙ୍କ ପାଣ୍ଡୁଲିପି:

ପ୍ରକାଶକ-ବୀରେଶ୍ୱର ମହାନ୍ତି,ଘାଟିକିଆ, ଭୁବନେଶ୍ୱର
ମୂଲ୍ୟ-୨୦୦




ରଘୁ ମାଷ୍ଟ୍ରେଙ୍କ ପାଣ୍ଡୁଲିପି ବୀରେଶ୍ୱର ମହାନ୍ତିଙ୍କ ଗଳ୍ପ ସଂକଳନ। ଏଥିରେ ୨୩ଟି ଗପ ସ୍ଥାନିତ ହୋଇଛି। ଏହା ଲିଖିତ ଧାରାରେ ଏକ ପ୍ରଶଂସନୀୟ ସଂଯୋଜନ। କଥନ ଶୈଳୀରେ ଅନ୍ତରଙ୍ଗତା ଓ ବିଷୟ ଚୟନରେ ସହୃଦୟତା ଗଳ୍ପଗୁଡିକୁ ନିଚ୍ଛକ କରିଛି। ଏଥିରେ ଅନୁଭବ ଅଛି, ଅନ୍ଧବିଶ୍ୱାସ ବିରୋଧରେ ସ୍ୱର ଅଛି, ପୁଣି ନାରୀ ସଶକ୍ତୀକରଣର ବାର୍ତ୍ତା ଅଛି। ବର୍ଣ୍ଣିତ ଚରିତ୍ରଗୁଡିକ ଖୁବ୍ ଅନ୍ତରଙ୍ଗ। ଜାତକ ମେଳକଠାରୁ ଆରମ୍ଭ କରି ରଘୁ ମାଷ୍ଟ୍ରେଙ୍କ ପାଣ୍ଡୁଲିପି ପର୍ଯ୍ୟନ୍ତ ଯେଉଁ ଚରିତ୍ରମାନଙ୍କୁ ଆମେ ଏଥିରେ ଭେଟୁ ତାହା ନିତିଦିନିଆ। ଗଳ୍ପଗୁଡିକ ପାଠକପ୍ରିୟ କରାଇବାରେ ନିଶ୍ଚୟ ସକ୍ଷମ ହେବ।

### ପ୍ରେମ ପାରିଜାତ :

ପ୍ରକାଶକ-ଏଥେନା ବୁକ୍ସ, ମୂଲ୍ୟ-୧୮୦

ପ୍ରେମ ପାରିଜାତ ଗୀତି କବିତା ସଂକଳନ କବି ତୋଫାନ ଜେନାଙ୍କ ପ୍ରଥମ ଗୀତି କବିତା ସଂକଳନ। ପ୍ରେମ ରୂପି ସମୁଦ୍ର ମନ୍ଥନ ପରେ ଯେଉଁ ସୁଗନ୍ଧିତ ପୁଷ୍ପର ଉପୋଦ୍ଘାତ ହୋଇଛି ତାର ମହକରେ ପ୍ରେମ ପାରଜାତର ସ୍ରଷ୍ଟା ଆଦ୍ୟ ଆଷାଢର ବାରିଧାରା ପରି





ସ୍ମୃତିଜର୍ଜର ଓ ମାଧୁରିମାରେ ରସୋତୀର୍ଣ୍ଣ। ପ୍ରେମ ପ୍ରଣୟ, ବିରହ, ମିଳନ ଓ ବିଚ୍ଛେଦର ଚିତ୍ରପଟ ଅନୁରଣିତ ଅତୀତର ସ୍ମୃତି, ସାମୟିକ ସ୍ଥିତାବସ୍ଥା ଓ ଭବିଷ୍ୟତର ସ୍ୱପ୍ନଭଙ୍ଗ ମୁହୂର୍ତ୍ତକୁ ଚିତ୍ର ଭାଷାରେ ରୂପ ଦେଲାବେଳେ କବି ଜେନା ଯେଉଁ କଳାତ୍ମକ କଳାକୌଶଳ ପ୍ରଦର୍ଶନ କରିଛନ୍ତି ତାହା ପାଠକଙ୍କ ଦୃଷ୍ଟି ଆକର୍ଷଣ କରିବ ନିଶ୍ଚୟ।

ବ୍ୟାକ୍ ପେଜ୍

# ପତ୍ରରେ କାରିଗରି

ସନ୍ଦେଶ ଏନ୍ ରଙ୍ଗନେକର୍ ଜଣେ ଚିତ୍ରକର। ଯେଉଁଠି ଚିତ୍ରକରମାନେ ବଡ ବଡ କାନ୍‌ଭାସ୍‌ରେ ନିଜ ହାତର ଯାଦୁକରି ଦେଖାନ୍ତି, ରଙ୍ଗନେକର୍ କିନ୍ତୁ ଚିତ୍ର କରିବା ପାଇଁ ଓସ୍ତପତ୍ରକୁ କାନ୍‌ଭାସ୍‌ଭାବେ ବାଛିଛନ୍ତି। ସେଥିରେ ସେ ବହୁପ୍ରସିଦ୍ଧ ବ୍ୟକ୍ତିଙ୍କ ଚିତ୍ର ବେଶ୍ ନିଖୁଣଭାବେ କରନ୍ତି। ଓସ୍ତ ପତ୍ରରେ ଚିତ୍ର ଏକ ବହୁ ପୁରୁଣା କଳା ଅଟେ। ସେ ଏହି କଳା ତାଙ୍କ ବାପାଙ୍କଠାରୁ ଶିଖିଛନ୍ତି। ଆଉ ମାତ୍ର ୧୦ ବର୍ଷ ବୟସରୁ ଓସ୍ତ ପତ୍ରରେ ଚିତ୍ର କରିବା ଆରମ୍ଭ କରିଛନ୍ତି। ଏବେ ସେ ଏହି କଳାରେ ବେଶ୍ ସିଦ୍ଧହସ୍ତ। ତେବେ ସେ କଞ୍ଚା ସବୁଜ ପତ୍ରରେ ଚିତ୍ର କରନ୍ତି ନାହିଁ। ବରଂ ପତ୍ର ଶୁଖି ତା'ର ସବୁଜ ରଙ୍ଗ ଉଡ଼ିଗଲା ପରେ ରହିଯାଉଥିବା ଶୁଖିଲା ଡାଞ୍ଚା ଉପରେ ହିଁ ସେ ଚିତ୍ର କରିଥାନ୍ତି। ଏଥିପାଇଁ ସେ କଞ୍ଚା ପତ୍ରକୁ କିଛି ଦିନ ପାଣିରେ ବୁଡାଇ ରଖନ୍ତି। ଏହାପରେ ଏହାକୁ ହାଲ୍‌କାଭାବେ ବ୍ରଶ୍ କରି ତା'ର ସବୁଜ୍ ଅଂଶ ବାହାର କରିଦିଅନ୍ତି। ଥରେ ପତ୍ର ଚିତ୍ର କରିବା ପାଇଁ ପ୍ରସ୍ତୁତ ହୋଇଗଲେ ସରୁ ତୂଳୀ ସାହାଯ୍ୟରେ ସେ ଚିତ୍ର କରିବା ଆରମ୍ଭ କରିଦିଅନ୍ତି। ଦୁଇ ଦିନ ଲାଗିଯାଏ ଗୋଟିଏ ଚିତ୍ର କରିବାପାଇଁ। ଏଥିରେ ସେ ମାଇକେଲ୍ ଜ୍ୟାକ୍ସନ, ଅମିତାଭ ବଚ୍ଚନ, ସଚିନ ତେନ୍ଦୁଲକର୍, ବହୁ ପ୍ରସିଦ୍ଧ ଐତିହାସିକ ବ୍ୟକ୍ତି, ହଲିଉଡ୍ ଅଭିନେତା/ଅଭିନେତ୍ରୀଙ୍କର ଚିତ୍ର କରିଛନ୍ତି।





# ପାଦ ଦୁର୍ଗନ୍ଧରେ ବେହୋସ୍ ହୁଏ ରୋବୋ ଡଗ୍

ପାଦ ଦୁର୍ଗନ୍ଧ ସମସ୍ୟା ଅନେକଙ୍କଠାରେ ପରିଲକ୍ଷିତ ହୁଏ। ଜାପାନରେ ତ ଏହି ସମସ୍ୟା ଅଧିକ ପରିଲକ୍ଷିତ ହୁଏ। ତେଣୁ କାହାରି ଘରକୁ ପ୍ରବେଶ



କରିବା ପୂର୍ବରୁ ଜୋତାକୁ ବାହାରେ ରଖିବା ଅନିବାର୍ଯ୍ୟ ଥାଏ। ଏବେ ଏଠାରେ ଏହି ସମସ୍ୟାକୁ ଦୂର କରିବା ପାଇଁ ତିଆରି କରାଯାଇଛି ଏକ ରୋବୋ। ଏହି ରୋବୋଟି ଦେଖିବାକୁ ଏକ ସୁନ୍ଦର କୁକୁର ଛୁଆ ପରି। ଉକ୍ତ ରୋବୋ କୁକରର ନାମ ହେଉଛି ହାନା ଚାନ୍। ନ୍ୟାଶନାଲ ଇନ୍‌ଷ୍ଟିଟ୍ୟୁଟ୍ ଅଫ୍ ଟେକ୍ନୋଲୋଜି କିତାକ୍ୟୁଶୁ କଲେଜ୍ ଦୀର୍ଘ ୨ ବର୍ଷ ଏହାର ନିର୍ମାଣ କାର୍ଯ୍ୟରେ ଲାଗିଥିଲା। ଏବେ ଉକ୍ତ କଲେଜର ଆଫଇଲିଏଟେଡ୍(ସହବନ୍ଧ) କମ୍ପାନୀ ନେକ୍ସଟ୍‌ଟେକ୍ନୋଲୋଜି ଏହାକୁ ଲଞ୍ଚ କରିଛି। ୧୫ ସେ.ମି.ର ଏହି ରୋବୋ ଡଗ୍‌ର ନାକରେ ଏକ ସ୍ୱତନ୍ତ୍ରଧରଣର ସେନ୍ସର ଲାଗିଛି। ଉକ୍ତ ସେନ୍ସର ସାହାଯ୍ୟରେ ଏହା ପାଦକୁ ଶୁଙ୍ଘି ଜଣାଇଦେବ ଯେ, ଆପଣଙ୍କ ପାଦ ଦୁର୍ଗନ୍ଧ ହେଉଛି ନା ନାହିଁ। ଆଉ ଏହା ଜଣାଇବାର ତରିକା ବେଶ୍ ମଜାଦାର। ଯଦି ପାଦ ଦୁର୍ଗନ୍ଧ ହେଉ ନ ଥାଏ ତେବେ ଖୁସିରେ ନିଜର କୁନି ଲାଞ୍ଜୀ ହଲାଇବ। ଯଦି ସାମାନ୍ୟ ଗନ୍ଧ ହେଉଛି,



ତେବେ ଏହା ଭୁକିବା ଆରମ୍ଭ କରିଦେବ। ଆଉ ଯଦି ଅତ୍ୟଧିକ ଦୁର୍ଗନ୍ଧ ହେଉଥାଏ ତେବେ ସେ ସେହିଠାରେ ହିଁ ଅଚେତ୍ ହେବା ପରି ପଡିଯିବ। ଯେମିତି କି ଦୁର୍ଗନ୍ଧ ପାଇଁ ସେ ବେହୋସ ହୋଇଯାଇଛି। କୁହାଯାଉଛି ଉକ୍ତ ରୋବୋରେ ଏୟାର୍ ଫ୍ରେଶନର୍ ସ୍ପ୍ରେ ସିଷ୍ଟମ୍ ବି ରହିବ ; ଯଦ୍ୱାରା ରୋବୋ ଡଗ୍ ଦୁର୍ଗନ୍ଧ ହେଉଥିବା ପାଦ ଉପରେ ଉକ୍ତ ସ୍ପ୍ରେ ପକାଇ ମହକ ଭରିଦେବ। ନେକ୍ସଟ୍ ଟେକ୍ନୋଲୋଜି କମ୍ପାନୀ ଏହାକୁ ୯,୨୮୦ ଡଲାରରେ ବିକ୍ରି କରିବା ପାଇଁ ନିଷ୍ପତ୍ତି ନେଇଛି।

# ମ୍ୟୁଜିକାଲ୍‌ମୋଟରସାଇକେଲ୍




ଜାପାନର ବୋସୋଜୋକୁ ନାମକ ଏକ ବାଇକର୍ ଗ୍ୟାଙ୍ଗ ରହିଛି। ଏମାନେ ବିପଜ୍ଜନକ ଷ୍ଟଣ୍ଟ କରିବା ପାଇଁ ବେଶ୍ ପରିଚିତ। ଆଉ ସେମାନଙ୍କ ବାଇକ୍ ସାଧାରଣ ବାଇକ୍‌ଠାରୁ ବହୁତ ଶବ୍ଦ ବି କରିଥାଏ। ଏଣୁ ଏମାନଙ୍କୁ ଆୟତ୍ତ କରିବା ପାଇଁ ଆରମ୍ଭ କରାଯାଇଥିଲା ବୋସୋଜୋକୁ ସାଉଣ୍ଡ ବ୍ୟାଟେଲ୍ ନାମକ ଏକ ବଡ ଇଭେଣ୍ଟ। ଯେଉଁଠାରେ ମୋଟର ସାଇକେଲିଷ୍ଟ ଜମା ହୋଇ ନିଜ ଗାଡ଼ିରୁ ବିଭିନ୍ନ ପ୍ରକାରର ଶବ୍ଦ ବାହାର କରି ଭିନ୍ନଭିନ୍ନ ପ୍ରକାରର ମ୍ୟୁଜିକାଲ୍ ବିଟ୍ ତିଆରି କରିଥାନ୍ତି। ଏହି ଶବ୍ଦକୁ ବାଇକର୍‌ମାନେ ନିଜ ବାଇକ୍‌ର ଥ୍ରଟଲ୍ ଓ କ୍ଲଚ୍ ସାହାଯ୍ୟରେ ବାହାର କରିଥାନ୍ତି। ଉକ୍ତ କାର୍ଯ୍ୟକ୍ରମ ବେଶ୍ ଭିନ୍ନ ଧରଣର। ତେଣୁ ଏହାକୁ ଶହ ଶହ ସଂଖ୍ୟାରେ ଦର୍ଶକ ଆସିଥାନ୍ତି ଦେଖିବାକୁ।